ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.272 Bhubaneswar Wednesday December 13 2023 ୨୬ତମ ବର୍ଷ ସଂଖ୍ୟା–୨୭୨ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ବୋରୱେଲରେ ଫିଙ୍ଗି ଦିଆଯାଇଥିବା ନବଜାତ ଶିଶୁ ଉଦ୍ଧାର

ଭୁବନେଶ୍ୱର,୧୨।୧୨(ପି.ଏନ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିକଟ ଲାରିପାଲି ଜଙ୍ଗଲରେ ଏକ ପରିତ୍ୟକ୍ତ ବୋରୱେଲ ମଧ୍ୟରେ କେହି ଫିଙ୍ଗି ଦେଇଥିବା ନବଜାତ ଶିଶୁକୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଛୁଆଟି ବୋରୱେଲରେ ପଡିଥିବା ଜଣାପଡିବାର ସା??୬ ଘଣ୍ଟା ପରେ ତାକୁ ଉଦ୍ଧାର କରାଯାଇଛି। ଉଦ୍ଧାର ହେବା ପରେ ଛୁଆଟିକୁ ଡାକ୍ତରଖାନା ନିଆଯାଇଛି।ସମୟ ପ୍ରାୟ ଅପରାହ୍ଣ ୩ଟା। ଲାରିପାଲି ଜଙ୍ଗଲରେ ଥିବା ଉକ୍ତ ପରିତ୍ୟକ୍ତ ବୋରୱେଲ ଭିତରୁ ଶୁଣିବାକୁ ମିଳିଥିଲା କଅଁଳା ଶିଶୁର କାନ୍ଦ। କାନ୍ଦ ଶୁଣି କିଛି ଲୋକ ବୋରୱେଲ ଭିତରେ ଶିଶୁଟିଏ ପଡିଛି ବୋଲି ଜାଣିପାରିଲେ। ଖବର ପହଞ୍ଚିଲା ପୁଲିସ ଓ ପ୍ରଶାସନ ପାଖରେ। ଏହା ପରେ ଆରମ୍ଭ ହୋଇଥିଲା ରେସ୍କ୍ୟୁ ଅପରେସନ୍। ଘଟଣାସ୍ଥଳରେ ପହଞ୍ଚିଥିଲା ତିନିଟି ଜେସିବି। ପୁଲିସ, ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ବି ପହଞ୍ଚିଥିଲେ। ପରେ ପରେ ଅକ୍ସିଜେନ୍ ଓ ଆମ୍ବୁଲାନ୍ସ ସହ ଡାକ୍ତର ଆସିଥିଲେ। ବିଳମ୍ବ ନକରି ପ୍ରଥମେ ପାଇପରେ ବୋରୱେଲ ଭିତରକୁ ଅକ୍ସିଜେନ୍ ଦିଆଯାଇଥିଲା। ପାଇପ ଭିତରେ ଜାକି ହୋଇ ରହିଥିବା ଛୁଆଟିର ମୁଣ୍ଡ ତଳକୁ ଥିଲା। ହେଲେ ପିଲାଟି କାନ୍ଦୁଥିବାରୁ ବଢିଥିଲା



ଆଶା।ବୋରୱେଲର ଫୁଟେ ଦୂରରେ ସମାନ୍ତରାଳ ଭାବେ ମାଟି ଖୋଳିଥିଲା ଜେସିବି। ରାତି ହୋଇଯିବାରୁ ଜେନେରେଟର ଆଣି ଲାଇଟ୍ ଲଗାଯାଇଥିଲା। ଶୀତ ହେଉଥିବାରୁ ଏକ ଶହେ ୱାଟ ବଲ୍? ବୋରୱେଲରେ ଲଗାଯାଇଥିଲା, ଯେମିତି ଛୁଆଟିକୁ ଶୀତ ହେବ ନାହିଁ। ଜେସିବି ମାଟି ଖୋଳିବା ପରେ ଶାବଳ ଓ କୋଦାଳ ମାଟି ଖୋଳାଯାଇଥିଲା।ମାଟି ଖୋଳା ଶେଷହେବା ପରେ ଲୁହା ପାଇପକୁ କାଟିବା କାମ ଆରମ୍ଭ କରାଯାଇଥିଲା। ବିଦ୍ୟୁତ୍ ଚାଳିତ କଟର ସାହାଯ୍ୟରେ ଲୁହା ପାଇପକୁ କଟା ଯାଇଥିଲା। ତା' ଭିତରେ ଆରିରେ ମଧ୍ୟ ଲୁହା ପାଇପକୁ କଟାଯାଇଥିଲା। ସେଥିପାଇଁ ଅତି ସତର୍କତା ଅବଲମ୍ବନ କରଯାଇଥିଲା, ଯେପରି ଶିଶୁଟିକୁ ସାମାନ୍ୟତମ ଆଘାତ ନଲାଗିବ। ତା' ମଧ୍ୟରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଘଟଣାସ୍ଥଳକୁ ଏକ ଭିକ୍ଟିମ ଲୋକେସନ କ୍ୟାମେରା ପଠାଯାଇଥିଲା। କ୍ୟାମେରା ସହ ଜଣେ ଟେକ୍ନିସିଆନଙ୍କୁ ପଠାଯାଇଥିଲା। ଶିଶୁଟି କେମିତି ଅଛି, ତାହା ଜାଣିବାରେ ଭିକ୍ଟିମ ଲୋକେସନ କ୍ୟାମରେ ଜଣାଇ ପାରିବ ବୋଲି ସେଇଟିକୁ ପଠାଯାଇଥିଲା। ସୂଚ୍ନା ଅନୁସାରେ, ପାଖାପାଖି ୧୫ ବର୍ଷ ହେଲା ସେହି ବୋରୱେଲଟି ଖୋଳା ଯାଇଥିଲା। ପାଣି ନଆସିବାରୁ ଅଧାରେ କାମ ବନ୍ଦ କରି ଦିଆଯାଇଥିଲା। ସେବେଠୁ ସେମିତି ତାହା ମୁକୁଳା ପଡିଥିଲା। ଜନବସତି ଠାରୁ ଦୂରରେ ରହିଥିବାରୁ କାହାର ଏଥିପ୍ରତି ଦୃଷ୍ଟିନଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ବ୍ଲକ ସଭାପତି ଓ ପର୍ଯ୍ୟବେକ୍ଷଙ୍କୁ ନିଯୁକ୍ତି ଦେଲା ବିଜେଡି: ୬ଟି ଜିଲ୍ଲାରେ ନୂଆ ନେତାଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୧୨।୧୨(ପି.ଏନ) : ଆଗକୁ ଆସୁଛି ବିଧାନସଭା ନିର୍ବାଚ୍ନ । ଏନେଇ ଶାସକ ବିଜେଡି ତା'ର ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଦେଇଛି । ଏହା ମଧ୍ୟରେ ଦଳ ତା'ର ସଂଗଠନରେ ଅନେକ ନୂଆ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରୁଛି । ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଗାଦିରେ ବସାଇବା ପାଇଁ ବିଜେଡି ରଣନୀତି ପ୍ରସ୍ତୁତି କରି ସାରିଥିବା ବେଳେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲା ସଂଗଠନକୁ ପୁନର୍ଗଠନ କରୁଛି ।ତେବେ ଏହା ମଧ୍ୟରେ ଦଳ ତା'ର ବିଭିନ୍ନ ଜିଲ୍ଲା ସଂଗଠନରେ ନୂଆ ନେତାଙ୍କୁ ନିଯୁକ୍ତି ଦେଇଛି । ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ବିଜୁ ମହିଳା ଜନତା ଦଳ ସଂଗଠନରେ ଅନେକ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି । ଜ୍ୟୋସ୍ନା ପରିଡାଙ୍କୁ କଳାହାଣ୍ଡି, ମୀରା ପରିଡାଙ୍କୁ କୋରାପୁଟ, ଲୋରା ମହାପାତ୍ରଙ୍କୁ ମାଲକାନଗିରି, ରୁନୁ ଜେନାଙ୍କୁ ନବରଙ୍ଗପୁର, ମିନତୀ ଦେବତାଙ୍କୁ ସମ୍ବଲପୁର ଓ ଦେବଗଡରେ ଦାୟିତ୍ୱ ମିଳିଛି ।ସେହିପରି ମାଲକାନଗିରି ଜିଲ୍ଲାରେ ଅନେକ ପଦାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଟିକି ମଲ୍ଲିକଙ୍କୁ ମାଥିଲି, ସାବିତ୍ରୀ ମୁଦୁଲିଙ୍କୁ ଖଇରାପୁଟ, ଲକ୍ଷ୍ମୀ ମଣ୍ଡିଙ୍କୁ ଚିତ୍ରକୋଣ୍ଡା, ସୁମାରୀ ମାଡକାମୀଙ୍କୁ ମାଲକାନଗିରି, ବର୍ଣ୍ଣାଳୀ କିର୍ତ୍ତାନିଆଙ୍କୁ କାଲିମେଳା, ମିଠୁ ସରକାରଙ୍କୁ କୋରୁକୋଣ୍ଡା, ଦେବେ ମାଧିଙ୍କୁ ପୋଡିଆ ଜିଲ୍ଲାର ବିଭିନ୍ନ ବ୍ଲକରେ ନିଯୁକ୍ତି ଦିଆଯାଇଛି । ରବି ରାଉତଙ୍କୁ ବାଲେଶ୍ୱର ଜିଲ୍ଲାର ସାଧାରଣ ସମ୍ପାଦକ, ମନୋଜ କୁମାର ରାଉତଙ୍କୁ ରେମୁଣା ବ୍ଲକର ସଭାପତି, ରାମନାରାୟଣ ବେହେରାଙ୍କୁ ରେମୁଣା ଏନଏସିର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଏନେଇ ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି ।



## ବିରୋଧୀଙ୍କ ବିରୋଧ ସତ୍ତ୍ୱେ ନୂଆ ସିଇସି ବିଲ୍ ରାଜ୍ୟସଭାରେ ପାସ୍

ଭୁବନେଶ୍ୱର,୧୨।୧୨(ପିଏନ): ରାଜ୍ୟସଭାରେ ପାସ୍ ହୋଇଛି ମୁଖ୍ୟ ନିର୍ବାଚ୍ନ କମିଶନର ଓ ଅନ୍ୟ ନିର୍ବାଚ୍ନ କମିଶନର ନିଯୁକ୍ତି ସଂକ୍ରାନ୍ତ ନୂଆ ବିଲ୍। ଏହାକୁ ବିରୋଧୀ ଦଳଗୁଡିକ ଜୋରଦାର ବିରୋଧ କରିଥିଲେ। ଏପରି କି ବିଲ୍‌କୁ ବିରୋଧ କରି ସେମାନେ କକ୍ଷତ୍ୟାଗ କରିଥିଲେ। ତଥାପି ନୂଆ ସିଇସି ବିଲ୍ ରାଜ୍ୟସଭାରେ ପାସ୍ ହୋଇଛି। ଏହି ବିଲ୍‌ରେ ମୁଖ୍ୟ ନିର୍ବାଚ୍ନ କମିଶନର ଓ ଅନ୍ୟ ନିର୍ବାଚ୍ନ କମିଶନରମାନଙ୍କ ନିଯୁକ୍ତି, ସେବାର ସର୍ତ୍ତ ଓ ନିୟମ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି।

## ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦୀ



ଭୁବନେଶ୍ୱର,୧୨।୧୨(ପି.ଏନ): ଆସନ୍ତା ଡିସେମ୍ବର ୨୪ରେ ଓଡିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ବିଜେପି ନେତା ମୋହନ ମାଝୀ ସୂଚ୍ନା ଦେଇଛନ୍ତି । ଡିସେମ୍ବର ୨୪ରେ ମୋଦୀ ପଶ୍ଚିମ ଓଡିଶା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କ ପଶ୍ଚିମ ଓଡିଶା ଗସ୍ତକୁ ନେଇ ବିଜେପି କର୍ମକର୍ତ୍ତା ଓ ନେତା ବେଶ ଉତ୍ସାହିତ ଥିବା ଜଣା ପଡିଛି । ୨୦୨୪ ସାଧାରଣ ନିର୍ବାଚ୍ନ ପୂର୍ବରୁ ମୋଦୀଙ୍କ ଓଡିଶା ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି । ଅନ୍ୟ କେନ୍ଦ୍ରୀୟ ନେତୃତ୍ୱ ଜାନୁଆରୀ ଭିତରେ ଓଡିଶ ଗସ୍ତ କରିପାରନ୍ତି ବୋଲି ମାଝୀ ସୂଚ୍ନା ଦେଇଛନ୍ତି ।

## ଭାରତ ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ମହେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ପରଲୋକ

ନୂଆଦିଲ୍ଲୀ,୧୨।୧୨(ପି.ଏନ): ଭାରତୀୟ ପ୍ରଶାସନିକ ସବାର ଅବସର ପ୍ରାପ୍ତ ଅଧିକାରୀ ମହେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ନୂଆଦିଲ୍ଲୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଏକମାତ୍ର ପୁତ୍ର ସତ୍ୟବାନ ସିଦ୍ଧାର୍ଥ, ବାହୂ ସଂଯୁକ୍ତା, ନାତି ସାର୍ଥକ, ସହଧର୍ମୀଣୀ ମଞ୍ଜୁଲତା, ବଡ଼ଝିଅ ସୌମ୍ୟା ସଂଘମିତ୍ରା, ସାନଝିଅ ସ୍ମିତା ସୁଚରିତା ଉପସ୍ଥିତ ଥିଲେ। ସ୍ୱର୍ଗତ ପଣ୍ଡା ଭଦ୍ରକ ଜିଲ୍ଲାର ଭଗବାନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଇଛଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ପଣ୍ଡା ପ୍ରଥମେ ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରି ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦାନ କରିଥିଲେ। ପରେ ଭାରତ ସରକାରଙ୍କ ସିଭିଲ ସର୍ଭିସ (ଆଲାଏଡ଼ ସର୍ଭିସ)ଦିଲ୍ଲୀ କ୍ୟାଡ଼ରରେ ଯୋଗଦାନ କରି ପରବର୍ତ୍ତୀ ସମୟରେ ଓଡ଼ିଶା-ଆସାମ ପ୍ରଭୃତି ସ୍ଥାନରେ ଯୁଗ୍ମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଶେଷରେ ଦିଲ୍ଲୀରୁ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ। ସ୍ୱର୍ଗତ ପଣ୍ଡା ପାଞ୍ଚ ଭାଇଙ୍କ ମଧ୍ୟରେ ବଡ଼ ହୋଇଥିବା ବେଳେ ଛୋଟ ଭାଇ ପଦ୍ମନାଭ, ହେମେନ୍ଦ୍ର, ରବୀନ୍ଦ୍ର ଓ ସୌମେନ୍ଦ୍ରଙ୍କୁ ଉଚ୍ଚଶିକ୍ଷିତ କରାଇଥିଲେ। ଅଞ୍ଚଳରେ ସମ୍ଭ୍ରାନ୍ତ ଶିକ୍ଷିତ ପରିବାର ଭାବରେ ଖ୍ୟାତି ଥିଲା। ସ୍ୱର୍ଗତ ପଣ୍ଡା ଜଣେ ଶାନ୍ତ ସରଳ, ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଭାଇ ମାନଙ୍କୁ ମଣିଷ କରିବା, ଗ୍ରାମର ଉନ୍ନତି, ଉଚ୍ଚ ବିଦ୍ୟାଳୟ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହଠାତ୍ ସ୍ୱର୍ଗତ ପଣ୍ଡାଙ୍କ ହୃଦଘାତଜନିତ ଦେହାନ୍ତ ଖବର ଦିଲ୍ଲୀ ତଥା ନିଜ ଅଞ୍ଚଳରେ ଶୋକର ଛାୟ ଖେଳାଇ ଦେଇଛି। ତାଙ୍କ ବିୟୋଗରେ ଅନେକ ଗଣମାନ୍ୟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିବା ସହ ପରିବାର ବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।





## ରାଜସ୍ଥାନରେ ବି ନୂଆ ମୁହଁ, ପ୍ରଥମ ଥର ବିଧାୟକ ହୋଇଥିବା ଭଜନଲାଲ ଶର୍ମା ହେବେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୨।୧୨(ପି.ଏନ): ଛତିଶଗଡ ଓ ମଧ୍ୟ ପ୍ରଦେଶ ଭଳି ରାଜସ୍ଥାନରେ ମଧ୍ୟ ଜଣେ ନୂଆ ଚେହେରାକୁ ମୁଖ୍ୟମନ୍ତ୍ରୀ କରିଛି ବିଜେପି। ଭଜନଲାଲ ଶର୍ମା ହେବେ ରାଜସ୍ଥାନର ନୂଆ ମୁଖ୍ୟମନ୍ତ୍ରୀ। ଆଜି ରାଜସ୍ଥାନର ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକରେ ହୋଇଛି ଏହି ନିଷ୍ପତ୍ତି।ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ତାଙ୍କ ନାଁ ବିଧାୟକ ଦଳର ନେତା ଭାବେ ଘୋଷଣା କରିଥିଲେ। ଆଉ ଏହାକୁ ସମସ୍ତ ବିଧାୟକ ଗ୍ରହଣ କରିଥିଲେ। ସର୍ବସମ୍ମତିକ୍ରମେ ଭଜନଲାଲ ଶର୍ମାଙ୍କୁ ବିଜେପି ବିଧାୟକ ଦଳ ନେତା ଘୋଷଣା କରାଯାଇଥିଲା ବୋଲି ବୈଠକରେ ଉପସ୍ଥିତ ଅନ୍ୟତମ ପର୍ଯ୍ୟବେକ୍ଷକ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ୫୬ ବର୍ଷୀୟ ଭଜନଲାଲ ଶର୍ମାଙ୍କ ଘର ରାଜସ୍ଥାନର ଭରତପୁରରେ। ସେ ସାଙ୍ଗାନେର ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି। ସେ ଏଥର ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେ କଂଗ୍ରେସର ପୁଷ୍ପ ?ନ୍ଦ୍ର ଭରଦ୍ୱାଜଙ୍କୁ ୪୮,୦୮୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ତାଙ୍କୁ ୧,୪୫,୧୬୨ ଖଣ୍ଡ ଭୋଟ୍ ମିଳିଥିଲା। ଭଜନଲାଲ ଶର୍ମା ଏବେ ରାଜସ୍ଥାନ ବିଜେପିର ସାଧାରଣ ସଂପାଦକ ଅଛନ୍ତି। ସେ ୪ ଥର ରାଜ୍ୟ ବିଜେପିର ସାଧାରଣ ସଂପାଦକ ହୋଇଛନ୍ତି। ସେ ଆରଏସ୍ଏସ୍ ଓ ଏବିଭିପି ସହିତ ମଧ୍ୟ ଜଡିତ ଥିଲେ। ସେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଭଜନଲାଲ ଶର୍ମା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ରାଜ୍ୟବାସୀ ବିଜେପିଠାରୁ ଯେଉଁ ଆଶା ରଖିଛନ୍ତି, ତାକୁ ଦଳର ସମସ୍ତ ବିଧାୟକ ପୂରଣ କରିବେ ମୁଁ ପ୍ରତିଶ୍ରୁତି ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ରାଜସ୍ଥାନରେ ସବୁକ୍ଷେତ୍ରରେ ବିକାଶ କରିବୁ ବୋଲି ସୁନିଶ୍ଚିତ କରୁଛୁ।



## ହାର୍ଟଲ୍ୟାଣ୍ଡରେ ହ୍ୟାଟ୍ରିକ ସର୍ପାଇଜ୍ ପଛରେ ବିଜେପିର ୨୦୨୪ ମାଷ୍ଟରପ୍ଲାନ!

ଭୁବନେଶ୍ୱର,୧୨।୧୨(ପି.ଏନ) ହିନ୍ଦୀ ହାର୍ଟଲ୍ୟାଣ୍ଡରେ ବିଜେପିର ଦମଦାର ବିଜୟ ପରେ ଦଳ ବେଶ ମାନସମନ୍ଥନ କରିଥିଲା। ରେଜଲ୍ଟ ଡିସେମ୍ବର ୩ରେ ବାହାରିଥିବା ବେଳେ ଦଳ ରବିବାର ଛତିଶଗଡ, ସୋମବାର ମଧ୍ୟପ୍ରଦେଶ ଓ ମଙ୍ଗଳବାର ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରିଛି।ସମସ୍ତଙ୍କୁ ଚ୍କିତ କରି ଦଳ କମ ଚ୍ର୍ଚ୍ଚାରେ ରହୁଥିବା ୩ ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚ୍ୟନ କରିଛି। ଛତିଶଗଡର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ



ସାଏ, ମଧ୍ୟପ୍ରଦେଶ ପାଇଁ ମୋହନ ଯାଦବ ଓ ରାଜସ୍ଥାନ ପାଇଁ ଭଜନଲାଲ ଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବଛା ଯାଇଛି।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମ ପ୍ରଚାରର ପ୍ରତିଯୋଗିତା କରୁଛନ୍ତି : ଶରତ ପଟ୍ଟନାୟକ

ଭୁବନେଶ୍ୱର, ୧୨।୧୨(ପି.ଏନ) : ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମ ପ୍ରଚାରର ପ୍ରତିଯୋଗୀତା କରୁଛନ୍ତି। କେନ୍ଦ୍ର ସରକାରଙ୍କର ୟୁଜିସି (University Grant Commission) ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଏକ ସେଲ୍‌ଫି ପଏଂଟ କରିବା ପାଇଁ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ଏହାଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋ ରହିବ, ଛାତ୍ର ଛାତ୍ରୀମାନେ ସେଲ୍‌ଫି ପଏଂଟରେ ନିଜ ଏଣ୍ଡ୍ରୋଏଡରେ ଫୋନରେ ସେଲ୍‌ଫି ନେବେ ଏବଂ ତାକୁ ଅପଲୋଡ୍ କରିବେ। ମୂଳ ଉଦ୍ଦେଶ୍ୟ ହେଲା ନିଜର ଆତ୍ମ ପ୍ରଚାର କରିବା। ଏଥିପାଇଁ ଭାରତ ସରକାରଙ୍କର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ହେଉଛି ଭାରତ ବିକାଶ ନୂଆ ନାରା କି? ଅମୃତକାଳରେ ଦେଶ ଆଗେଇଛି। ପ୍ରଧାନମନ୍ତ୍ରୀଙ୍କ ସେଲ୍‌ଫି ନେବା ଅମୃତକାଳରେ ସବୁଠାରୁ ବଡ଼ କାର୍ଯ୍ୟ ବୋଧ ହୁଏ। ଆସନ୍ତା କିଛି ବର୍ଷ ଭିତରେ ଗାନ୍ଧୀ, ନେହେରୁ, ପଟେଲ, ସୁବାଷ ବୋଷ, ମୋଲାନା ଅବୁଲକଲାମ୍ ଆଜାଦ୍ ଏବଂ ଉତ୍କଳମଣି ଗୋପବନ୍ଧୁ, କୁଳବୃଦ୍ଧ ମଧୁସୂଦନ ଙ୍କ ନାମ ଓ ନିଶାନ ସବୁଦିନ ଧରି ଇତିହାସ ପୃଷ୍ଠାରୁ ଲୁଚେଇ ଦେବା ପାଇଁ ଏ ବୋଧ ହୁଏ ବିଜେପି ଓ ବିଜେଡ଼ିର ଏହା ମିଳିତ ଷଡ଼ଯନ୍ତ୍ର। ଓଡ଼ିଶା ବିଜୁ ଜନତା ଦଳର ସରକାର ଓଡ଼ିଶା ଗରିବ ଟିକସ ଦାତା ପଇସାକୁ ନିଜ ଦଳୀୟ ପାଣ୍ଠି ଭାବି ଖର୍ଚ୍ଚ କରିବାରେ ଲାଗିଛନ୍ତି।ଏବେ ଏବେ ଏହି ନଭେମ୍ବର ମାସରେ ଓଡ଼ିଶା ସରକାର ନ୍ତସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମନ୍ତ ମାଧ୍ୟମରେ ନିଜ ଦଳର ଯୁବ ଓ ଛାତ୍ର ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ରାଜକୋଷରୁ ଶହ ଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ୨୪ ବର୍ଷର ନବୀନ ସରକାରରେ ଏ ରାଜ୍ୟର ଯୁବକମାନେ ଆଜି ଦିଗହରା ନିଜର ଭବିଷ୍ୟତକୁ ନେଇ। ୨୪ ବର୍ଷ ଭିତରେ ରାଜ୍ୟ ସରକାର କେବେ ଥରେ ହେଲେ ବି ଯୁବ ନୀତି ପ୍ରଣୟନ କରିନାହାନ୍ତି। ୨୦୧୩ ମସିହାରେ ଯେଉଁ ଯୁବନୀତି ପ୍ରଣୟନ ହେଲା ସେଥିରେ ଯୁବକମାନଙ୍କ ନିଯୁକ୍ତି ସଂପର୍କରେ ଶବ୍ଦଟିଏ ନଥିଲା। ନବୀନ ସରକାର ପ୍ରତିବର୍ଷ ୨ ଲକ୍ଷ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ପାଣିର ଗାରରେ ପରିଣତ ହେଲା। ଠିକ୍ ସେହିଭଳି ଭାବରେ କେନ୍ଦ୍ରର ବିଜେପି ସରକାର ପ୍ରତିବର୍ଷ ୨ କୋଟି ନିଯୁକ୍ତି ଦେବାର କଥା କହିଥିଲେ ମଧ୍ୟ ତାହା ୧୦ ବର୍ଷ ମଧ୍ୟରେ ସମ୍ଭବ ହେଲା ନାହିଁ। ବିଜେଡ଼ି ସରକାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ନାମରେ ସମସ୍ତ ସରକାରୀ ଏବଂ ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀମାନଙ୍କରେ କ୍ରୀଡା, ନାଚ, ଗୀତ ଓ ସାଂସ୍କୃତିକ ଉତ୍ସବ ନାମରେ ନିଜର ଦଳୀୟ କାର୍ଯ୍ୟକ୍ରମ ଜାରି ରଖୁଛନ୍ତି। ୨୪ ବର୍ଷ ଭିତରେ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିସଦ୍ୟାଳୟମାନଙ୍କରେ ଛାତ୍ର ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରିଲା ନାହିଁ। ସବୁଠାରୁ ଦୁଃଖର କଥା ଓଡ଼ିଶାର ଉଚ୍ଚତର ଶିକ୍ଷାର ଏନ୍ତୁଡ଼ିଶାଳ କୁହାଯାଉଥିବା ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଫକିର ମୋହନ ବିଶ୍ୱବିଦ୍ୟାଳୟ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ମାନଙ୍କରେ ବିଭିନ୍ନ ବିଭାଗରେ ଅଧାରୁ ଅଧିକ ଶିକ୍ଷକ ପଦବୀ ଖାଲ ପଡ଼ିଛି ଏବଂ ସମ ପରିମାଣରେ ଅଣଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ପୂରଣ କରାଯାଉନାହିଁ। ରାଜ୍ୟ ରାଜକୋଷରୁ ହଜାର ହଜାର କୋଟି ପାଣି ଭଳି ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଖର୍ଚ୍ଚ କରାଯାଉଥିଲାବେଳେ ବିଭିନ୍ନ ଆଳ ଦେଖାଇ ଏ ସବୁ ପଦବୀ ପୂରଣ କରାଯାଉନାହିଁ। ଠିକା ଶିକ୍ଷକ ନିଯୁକ୍ତି କରି ସରକାର ବାଃ ବାଃ ନେଉଛନ୍ତି। କିନ୍ତୁ ରାଜ୍ୟର ଛାତ୍ର ଓ ଯୁବକ ଗୁଣାତ୍ମକ ଶିକ୍ଷାରୁ ସଂପୂର୍ଣ୍ଣରୂପେ ବଂଚିତ।ଉତ୍କଳ ବିଶ୍ୱବିଦ୍ୟାଳୟର ୪୭ ଟି ମୁର ପ୍ରାପ୍ତ ପ୍ରଫେସର ପଦବୀରୁ ୩୫ ଟି ପଦବୀ ଖାଲି ପଡ଼ିଛି। ଏଠାରେ ଗଣିତ ବିଭାଗର ଜଣିଏ ମାତ୍ର ଶିକ୍ଷୟତ୍ରୀ ଆଜିକୁ ୫ ବର୍ଷ ଧରି ବିଭାଗକୁ ଚଳାଉଛନ୍ତି। ସେହିଭଳି ଭାବରେ ପଦାର୍ଥ ବିଜ୍ଞାନ (ଚଷଚ୍ଚଶ୍ୱସମଶ୍ୱ)ରେ ମାତ୍ର ୪ ଜଣ ପୂର୍ଣ୍ଣାଙ୍ଗ ଶିକ୍ଷକ ଅଛନ୍ତି। ରସାୟନ ବିଜ୍ଞାନସ୍ଥିତି ସମାନ। ଲାଇବ୍ରେରୀ ସାଇନ୍‌ସ୍‌ରେ ସ୍ଥାୟୀ ଶିକ୍ଷକ ହିଁ ନାହାନ୍ତି। ଏହିଭଳି ସ୍ଥିତି ସବୁ ବିଶ୍ୱବିଦ୍ୟାଳୟରେ। ବହୁ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ପ୍ରଫେସର, ଆସୋସିଏଟ୍ ପ୍ରଫେସର, ସିନିୟର ପ୍ରଫେସର ମାନଙ୍କର ମରୁଡ଼ୀ ପଡ଼ିଛି ରାଜ୍ୟରେ। ଏହା ଗୋଟିଏ ଦିନ ବା ବର୍ଷର ଘଟଣା ନୁହେଁ। ଏ ହେଉଛି ଆମ ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଶାର ଛାତ୍ର ଓ ଯୁବକଙ୍କର ଭଲପାଇବାର ଜ୍ୱଳନ୍ତ ଉଦାହାରଣ। ସମାନସ୍ଥିତି ସମସ୍ତ ମହାବିଦ୍ୟାଳୟ ମାନଙ୍କରେ। ଆଦିବାସୀ ଅଧ୍ୟୁଷିତ ଅଂଚଳର ବିଶେଷ କରି ମୟୁରଭଞ୍ଜ,





ସୁନ୍ଦରଗଡ଼, କେନ୍ଦୁଝର, ଫୁଲବାଣୀ, କୋରାପୁଟ, ମାଲ୍‌କାନାଗିର ଓ ନବରଙ୍ଗପୁର ଜିଲ୍ଲା ମାନଙ୍କର ଶିକ୍ଷାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କର ସ୍ଥାୟୀ ଶିକ୍ଷକ ଅଭାବ ଅତ୍ୟନ୍ତ ଉତ୍କଟ। ରାଜ୍ୟର ଶିକ୍ଷା ବିଭାଗକୁ ଠିକା ଶିକ୍ଷକଙ୍କ ହାତରେ ଟେକିଦେଇ ମୁଖ୍ୟମନ୍ତ୍ରୀ ଖୁବ୍ ଖୁସିରେ। ନିର୍ବାଚନ ଆସିଲେ ଯୁବକ ଓ ଛାତ୍ରମାନଙ୍କ କଥା ମନେପଡେ। ନିର୍ବାଚନ ସରିଲେ ସଂପର୍କ ତୁଟିଯାଏ। ୨୦୧୯ ମସିହାରେ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଯୁବ ବାହିନୀ ଗଠନ କରାଯାଇଥିଲା। ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଲା। ନିର୍ବାଚନ ସରିଲା ବିଜୁ ଯୁବ ବାହିନୀ ସରିଲା। ଏ ହେଉଛି ବିଜୁ ଜନତା ଦଳର ଓଡ଼ିଶାର ଯୁବକ ମାନଙ୍କ ପ୍ରତି ଥିବା ସମ୍ମାନର ଆଉ ଏକ କୃର ପ୍ରମାଣ। ୨୦୧୪ ମସିହା ରୁ ୨୦୨୨ ମସିହା ମଧ୍ୟରେ ୬୪୯୧ କୋଟି ଟଙ୍କାରୁ ଅଧିକ ଟଙ୍କା ଆଜି ପର୍ଯ୍ୟନ୍ତ ନରେନ୍ଦ୍ର ମୋଦୀ ନିଜର ଆତ୍ମ ପ୍ରଚାର ପାଇଁ ଦେଶର ଜନସାଧାରଣ ଟିକସ ପଇସାକୁ ଖର୍ଚ୍ଚ କରିଛନ୍ତି। ଏବେ ସେଲ୍‌ଫି ପଏଂଟ ମାଧ୍ୟମରେ ଆଉ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ନିଜର ଆତ୍ମ ପ୍ରଚାରରେ ଲାଗିପଡ଼ିଛନ୍ତି। ନବୀନ ପଟ୍ଟନାୟକ ସରକାର ୨୦୧୮ ମସିହାରୁ ନେତୃତ୍ୱ ବିକାଶର ଭୃଣ ହତ୍ୟା କରିଛନ୍ତି। ଛାତ୍ର ନିର୍ବାଚନକୁ ବିଭିନ୍ନ କାରଣ ଦେଖାଇ ବନ୍ଦ କରିଦେଇଛନ୍ତି। ମୂଳକଥାଟି ଭବିଷ୍ୟତରେ ଛାତ୍ର ନେତା ସୃଷ୍ଟି ପରିବର୍ତ୍ତେ ସେ କିଛି ତୋଷାମତକାରୀଙ୍କୁ ସୃଷ୍ଟି କରିବା ପାଇଁ ଏ ନିଷ୍ପତି ନେଇଛନ୍ତି। ଓଡ଼ିଶା ଦେଶର ସର୍ବାଧିକ ର୍‍ୟାଗିଙ୍ଗ ହେଉଥିବା ରାଜ୍ୟମାନଙ୍କ ମଧ୍ୟରୁ ୪ର୍ଥ ସ୍ଥାନ ଅଧିକାର। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଦେବା ଉଚିତ୍। ସାରା ଦେଶରେ ୬୫୪୯ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସୁବଠାରୁ ଦୁଃଖର କଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୯୦୦ ପଦବୀ ଖାଲି ପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ଏଥିପ୍ରତି ଦୃଷ୍ଟି ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ସେଲ୍‌ଫି ପଏଂଟ ପାଇଁ ଏତେ ବ୍ୟାକୁଳ କିନ୍ତୁ ଶିକ୍ଷକ ନିଯୁକ୍ତି ପାଇଁ ନାମ ମଧ୍ୟ ଧରୁନାହାନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ୪୯୮ ଟି ଶିକ୍ଷକ ପଦବୀ ଓ ଜବାହାରଲାଲ୍ ନେହୁରୁ ବିଶ୍ୱବିଦ୍ୟାଳୟରେ ୩୨୬ ପଦୀବ ଫାଙ୍କା ପଡ଼ିଛି।ଉଭୟ ନରେନ୍ଦ୍ର ମୋଦୀ ଓ ନବୀନ ପଟ୍ଟନାୟକ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଶୈକ୍ଷିକ ବାତାବରଣ ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଏବେ ଏହି ଦୁଇ ଜଣଙ୍କ ସେଲ୍‌ଫି ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଲାଗିବା ପାଇଁ ଯେଉଁ ସରକାରୀ ସ୍ତରରେ ଯେଉଁ କସରତ ଆରମ୍ଭ ହେଲାଣି ଏହାକୁ ବୁଦ୍ଧିଜୀବିମାନେ ନାପସନ୍ଦ କରୁଛନ୍ତି। ଏହି ସମ୍ବାଦିକ ସମ୍ମଳନୀରେ ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ୟାସିର ନୱାଜ ଉପସ୍ଥିତ ରହି କହିଥିଲେ ଯେ ଉଭୟ ମୋଦୀ ଓ ନବୀନ ଛାତ୍ର ସମାଜକୁ ପ୍ରତାରିତ କରିଛନ୍ତି। ଓଡ଼ିଶାରେ ୨୦୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଛି। ମାତ୍ର ବିଜୁ ଜନତା ଦଳ କ୍ୟାମ୍ପସ କମିଟି କରି କ୍ୟାମ୍ପସରେ ଆତଙ୍କରାଜ ଚଲାଇଛନ୍ତି। ର୍‍ୟାଗିଙ୍ଗରେ ବିଜୁ ଛାତ୍ର ଜନତା ଦଳର କର୍ମକର୍ତାମାନେ ସଂପୃକ୍ତ। ରାଜ୍ୟ ସାରା ସରକାରୀ ମହାବିଦ୍ୟାଳୟ ମାନଙ୍କରେ ଆଡ଼ିମିସନ ଜାଲିଆତି ଚାଲିଛି। ସେଥିରେ ବି ବିଜୁ ଜନତା ଦଳ କର୍ମକର୍ତାଙ୍କର ସଂପୃକ୍ତି ରହିଛି। ଶିକ୍ଷାନୁଷ୍ଠାନର ଭିତିଭୂମି ନିର୍ମାଣରେ ବ୍ୟାପକ ଦୁର୍ନୀତି- ରମାଦେବୀ ବିଶ୍ୱବିଦ୍ୟାଳୟର ନୂତନ ଭାବେ ନିର୍ମିତ ପାଚେରୀ ଭୂଡ଼ିବା ଘଟଣା ଏବଂ ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳ ପଡ଼ିଆର ଗ୍ୟାଲେରି ଉଦ୍‌ଘାଟନ ଦିନ ଭୂଷୁଡ଼ିବା ଘଟଣା ଏହାର ସଦ୍ୟତମ ଉଦାହରଣ। ଉଚ୍ଚ ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ ମହିଳା ଅସୁରକ୍ଷିତ। ରମାଦେବୀ ବିଶ୍ୱବିଦ୍ୟାଳୟରେ ର୍‍ୟାଗିଙ୍ଗ ଯୋଗୁ ଆଦିବାସୀ ଛାତ୍ରୀ ଟିସି ନେଇଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଭିତରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜନସାଧାରଣଙ୍କର ଟିକସର ଅର୍ଥ ଅପବ୍ୟୟ କରାଯାଇ ମୋଦୀ ଓ ନବୀନ ସେଲିଫ୍ ପଏଂଟ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀନୱାଜ କହିଛନ୍ତି। ଉଭୟ ସରକାରର ଛାତ୍ର ବିରୋଧି ନୀତି ପ୍ରତିବାଦରେ ଡିସେମ୍ବର ୨୦ ରୁ ଜାନୁୟାରୀ ୨୦ ମଧ୍ୟରେ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରଦେଶ ଛାତ୍ର କଂଗ୍ରେସ ବିକ୍ଷୋଭ କରିବ ବୋଲି ଶ୍ରୀ ନୱାଜ ଘୋଷଣା କରିଛନ୍ତି।









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ଓ୍ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ଓ୍ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଋହିଁବେ ତାହା କିଣିପାରିବେ । ଜାପାନର ଏକ ଓ୍ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ଓ୍ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ଓ୍ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ଓ୍ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ଓ୍ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ଼ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେଓ୍ୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା । ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି । ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା । ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି । ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି । ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି । ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି । ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି । ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି ।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ଓ୍ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ । ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି । ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି । ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ । ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ । ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି । ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି । ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ । ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ ।




# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବିତରଣ




ଖୋର୍ଦ୍ଧା (ପିଏନ)-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଲଗ୍ନ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ବିଜୁ କଲ୍ୟାଣ ଯୋଜନାର ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ଏଥିରେ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୪ ଲକ୍ଷ ପରିବାର ୧୪ ଲକ୍ଷରୁ ଉର୍ଦ୍ଧ୍ୱହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଉପକୃତ ହୋଇ ପାରିବେ ।ଏହି ଯୋଜନାରେ ସାମିଲ ହୋଇଥିବା ପୁରୁଷ ହିତାଧିକାରୀ ୫ଲକ୍ଷ ଓ ମହିଳା ହିତାଧିକାରୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ପାଇବେ। ଏ ନେଇ ମୁଖ୍ୟମନ୍ତ୍ରୀ ଭିଡିଓ ମାଧ୍ୟମରେ କହିଥିଲେ ଯେ ସ୍ୱାସ୍ଥ୍ୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସମସ୍ତେ ସୁସ୍ଥ ରହି ରାଜ୍ୟର ଉନ୍ନତି ପାଇଁ ଚେଷ୍ଟା ଜାରି ରଖିବା ଉଚିତ। ବର୍ତମାନ ରାଜ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟ' ଲୋକମାନଙ୍କର ଚିକିତ୍ସା ସରକାର ଖର୍ଚ୍ଚ ବହନ କରୁଛନ୍ତି ।ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ପୁନର୍ବାର ଲୋକ ମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ରଥ ପରିକ୍ରମାର ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ଜିଲ୍ଲାରେ ୯୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରି ପୂର୍ଣ୍ଣାଙ୍ଗ ହୋଇଥିବା ପ୍ରକଳ୍ପ ଉଦଘାଟନ କରିବା ସହ ନୂତନ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଖୋର୍ଦ୍ଧା ହେଉଛି ପାଇକ ବୀର ମାନଙ୍କର ମାଟି ଓ ସ୍ୱାଧିନତା ସଂଗ୍ରାମର ମାଟି ହୋଇଥିବାରୁ ସେମାନଙ୍କ ପ୍ରତି ସମ୍ମାନ ଜଣାଇଛନ୍ତି ।ବିଷାନ ଓ କାରିଗରୀ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଖୋର୍ଦ୍ଧା ଜିଲ୍ଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଉନ୍ନତି ମୂଳକ କାର୍ଯ୍ୟ ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୪ ଲକ୍ଷରୁ ଅଧିକ ଗରିବ,ଅସହାୟ ଲୋକ ଉପକୃତ ହେବା ସହ ବହୁ ଜନ ହିତାୟ, ବହୁ ଜନ ସୁଖାୟ ବୋଲି ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ଖୋର୍ଦ୍ଧା ମାଟି ହେଉଛି ବୀରତ୍ୱର ମାଟି ପାଇକ ବୀର ମାନଙ୍କର ବଳିଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ବେଗୁନିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ପଦକ୍ଷେପ ନେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଂଟନ ସହ ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏହି ପାଇକବୀର ମାଟି ଖୋର୍ଦ୍ଧା ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ । ଏହି ସଭା ଶେଷରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଧନ୍ୟବାଦ ଅର୍ପଣ କରିବା ସହ ଖୋର୍ଦ୍ଧା ଜିଲ୍ଲା ସମଗ୍ର ରାଜ୍ୟରେ ଅଗ୍ରଣୀ ଜିଲ୍ଲା ଭାବେ ମାନ୍ୟତା ପାଇ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ପଦକ୍ଷେପ ନିଆ ଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ବଂଟନ କାର୍ଯ୍ୟକ୍ରମରେ ୫ ଟି ସଚିବ ଭିକେ ପାଣ୍ଡିଆନ,ମୋ କଲେଜର ଅଧ୍ୟକ୍ଷ ଆକାଶ ଦାସ ନାୟକ,ଓଡିଶା ପର୍ଯ୍ୟଟନ ଉନ୍ନୟନନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗ ଦେଇଥିଲେ । ଏତଦ ବ୍ୟତୀତ ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ,ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂଯୋଜକ ଦିଗ' ରାଉତରାୟଙ୍କ ସମେତ ବିଭିନ୍ନ ଅଧିକାରୀ ଓ କର୍ମକର୍ତାମାନେ ଯୋଗ ଦେଇଥିଲେ ।ଏଥି ସହିତ ଶାଂ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରାଙ୍କ ନିର୍ଦ୍ଦେଶରେ ଏସଡିପିଓ ସୁଶିଲ କୁମାର ମିଶ୍ରଙ୍କ ତତ୍ୱାବଧାନରେ ପୋଲିସ ବଳ, ଫୋର୍ସ ମୁତୟନ କରାଯାଇଥିଲା।

# ଜୱାଦ କ୍ଷୟକ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଦଳଙ୍କ ଦିନିକିଆ କେନ୍ଦ୍ରାପଡା ଗସ୍ତ



କେନ୍ଦ୍ରାପଡ଼ା (ପିଏନ୍): ସାମୁଦ୍ରିକ ବାତ୍ୟା ଜୱାଦ ପ୍ରଭାବରେ କେନ୍ଦ୍ରାପଡା ଜିଲ୍ଲାରେ ଧାନ ଫସଲ ଓ ପନିପରିବା ପ୍ରଭୃତି ରବି ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି କ୍ଷୟକ୍ଷତିର ଆକଳନ ପାଇଁ ୪ଜଣିଆ ଅନ୍ତଃ କେନ୍ଦ୍ରୀୟ ଦଳ କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସି କେନ୍ଦ୍ରାପଡା ପ୍ରଦକ୍ଷଣ ଭବନରେ ପହଞ୍ଚିବା ସମୟରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅନ୍ତଃ କେନ୍ଦ୍ରୀୟ ଦଳରେ ବରିଷ୍ଠ କାର୍ଯ୍ୟନିର୍ବାହୀ ତଥା ଓ.ଆର.ସି. ଜାତୀୟ ମଧୁର ଜଳ ମତ୍ସ୍ୟ ବୋର୍ଡ ଡଃ. ମାନସ କୁମାର ସିହ୍ନା, ସଡକ ପରିବହନ ମନ୍ତ୍ରଣାଳୟର ସହକାରୀ ଯନ୍ତ୍ରୀ ଶାସ୍ୱତ କୁମାର ମହାପାତ୍ର, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଓ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବ୍ରଜ କିଶୋର ଲେଙ୍କା ଜିଲ୍ଲା ଗସ୍ତରେ ଆସିଥିଲେ। ଏହି କେନ୍ଦ୍ରୀୟ ଦଳ ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଚନ୍ଦନ ନଗର, ଆନନ୍ଦପୁର, ଚଢେୟା, ବିଲିକଣା, ବ୍ରହ୍ମପୁର, ଓଉପଡା, କଦଳିବନ୍ଧ, ବଡପାଳ, ରାଜନଗର ତହସିଲ ଅନ୍ତର୍ଗତ ବ୍ରାହ୍ମଣ ସାହୁ, ରାଜନଗର, ମଧୁପୁର, ଖଲିକଣା, ଜଗନ୍ନାଥପୁର ଶାସନ, ମାଗୁଖଣ୍ଡି, ବଡଓଲରା, ସାନ ଓଲରା, କୁରୁଣ୍ଡି, ଗଜରାଜପୁର, ମାର୍ଶାଘାଇ ତହସିଲ ଅନ୍ତର୍ଗତ ଶିଳିପୁର, ଅଙ୍ଗୁଳେଇ, ଡଅଁରମୁଣ୍ଡ ପ୍ରଭୃତି ଗ୍ରାମ ଗସ୍ତକରି କ୍ଷୟକ୍ଷତିର ଆକଳନ କରିଥିଲେ। ଏହି କେନ୍ଦ୍ରୀୟ ଦଳ ଡଅଁରମୁଣ୍ଡ ଗ୍ରାମରେ କ୍ଷତିଗ୍ରସ୍ତ କୋବି ଆଦି କ୍ଷୟକ୍ଷତି ହୋଇଥିବା ପନିପରିବା ଫସଲ ଜମି ଗୁଡିକୁ ବୁଲି ଦେଖିଥିଲେ। ଏହା ପରେ ଗରଦପୁର ବ୍ଲକ ରାସ୍ତାର ଉଭୟ ପାର୍ଶ୍ୱରେ ଜଳମଗ୍ନ ଥିବା ଧାନ ଫସଲକୁ ଦେଖିଥିଲେ। ଏହି ଗସ୍ତ ସମୟରେ କ୍ଷତିଗ୍ରସ୍ତ ଗ୍ରାମବାସୀମାନେ କେନ୍ଦ୍ରୀୟ ଦଳ ସମ୍ମୁଖରେ ସେମାନଙ୍କ ସୁନାର ଫସଲ କିପରି ଜଳମଗ୍ନ ହୋଇ ରହିଛି ଓ ସେଥିରୁ ସେମାନଙ୍କ ଗୁଜୁରାଣ କିପରି ମେଣ୍ଟିବ ସେ ବିଷୟରେ ବର୍ଣ୍ଣନା କରିଥିଲେ। କେନ୍ଦ୍ରୀୟ ଦଳ ଜନସାଧାରଣଙ୍କ କୋହଭରା ବାଣୀ ସହୃଦୟତାର ସହ ଶୁଣିଥିଲେ ଏବଂ ସେମାନଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା କୃଷି ଅଧିକାରୀ ଶିବ ପ୍ରସାଦ ମଲିକ, ଉଦ୍ୟାନକୃଷି ବିଭାଗ ସହକାରୀ ନିର୍ଦ୍ଦେଶକ କନ୍ଦ ଜେନା, ବିଭିନ୍ନ ତହସିଲର ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳିତ ବର୍ଗ ଲୋକଙ୍କୁ ଆକ୍ରମଣ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ଦଳିତ ବର୍ଗର ଲୋକଙ୍କୁ ସବର୍ଣ୍ଣ ବର୍ଗର ଆକ୍ରମଣ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଥାନା ଅନ୍ତର୍ଗତ ରାଜଗଡ ପଞ୍ଚାୟତର ନଛିପଡା ଗ୍ରାମର ଦଳିତସାହିର ଲୋକମାନେ କାର୍ତ୍ତିକେଶ୍ୱର ମେଢକୁ ପାଣିରେ ବିସର୍ଜନ କରିବାକୁ ସବର୍ଣ୍ଣ ସାହି ଦେଇ ନେଉଥିବା ବେଳେ ସେହିସାହିର କେତେକ ସବର୍ଣ୍ଣ ବ୍ୟକ୍ତି ପୂର୍ବ ଶତ୍ରୁତାକୁ ନେଇ ସେମାନଙ୍କୁ ବିରୋଧ କରିଥିବା ଅଭିଯୋଗ ହୋଇଛି। ଏଥିସହିତ ସେମାନେ ଦଳିତବର୍ଗର ଲୋକମାନଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ସମ୍ପର୍କରେ ମହାକାଳପଡା ଥାନାରେ ଅଭିଯୋଗ ହୋଇଥିଲେବି ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ନେଇ ରବିନ୍ଦ୍ର ମଳିକ, ବାବୁଲି ମଳିକ, ଶୈଳେନ୍ଦ୍ର ମଳିକ, ଅମୂଲ୍ୟ ମଳିକ, ଅରୁଣ ମଳିକ, ଉଦୟ ମଳିକ, ସାଗର ମଳିକ, ଶ୍ରୀଚରଣ ମଳିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

# ଜ୍ୱାଳାମୁଖୀ ଦେବୀଙ୍କ ଶକ୍ତିପୀଠ, ହିମାଚଳ ପ୍ରଦେଶ



**ଭା**ରତୀୟ ଉପମହାଦେଶରେ ଅବସ୍ଥିତ ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ କାଳୀଧାର ପାହାଡ଼ ମଧ୍ୟରେ ମାତା ଜ୍ୱାଳାମୁଖୀ ଦେବୀଙ୍କ ମନ୍ଦିର ରହିଛି। ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଭରତୀୟ ଉପମହାଦେଶରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହା ଶକ୍ତିପୀଠ ଓ ୫୧ ଟି ଶକ୍ତିପୀଠ ରହିଛି। ତେବେ ଏହି ୧୮ଟି ମହା ଶକ୍ତିପୀଠ ମଧ୍ୟରେ "ମା'ଜ୍ୱାଳା ଦେବୀ"ମନ୍ଦିର ବା ଶକ୍ତିପୀଠ ଅନ୍ୟତମ। ଶକ୍ତିପୀଠଗୁଡ଼ିକର ସୃଷ୍ଟି ସଂପର୍କରେ ପୁରାଣ ବର୍ଣ୍ଣିତ ଏକ ଚମକପ୍ରଦ କାହାଣୀ ରହିଛି। ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱଂୟ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ପାଖରେ ପହଂଚିଲେ ଓ ରାଗରେ ଜର୍ଜ୍ଜରିତ ହୋଇ ନିଜ ହାତରେ ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି କ୍ଷଣ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ



ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଏହିପରି ପୃଥିବୀରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି।

ମାତା ସତୀଙ୍କର ସେହି ଖଣ୍ଡ ବା ଅଂଶମାନଙ୍କ ମଧ୍ୟରୁ ତାଙ୍କର 'ଜିଭ' ଏହି ଶକ୍ତିପୀଠରେ ପଡ଼ିଥିଲା। ସେଦିନ ଠାରୁ ଏହି ସ୍ଥାନ ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ। ପବିତ୍ର ନବରାତ୍ର



ଉତ୍ସବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ। ଏହି ସମୟରେ ଦେଶର ବିଭିନ୍ନ ଅଂଚଳରୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି। ପୁରାଣ ଶାସ୍ତ୍ର ଅନୁଯାୟୀ ସମସ୍ତ ଶକ୍ତୀପୀଠରେ ମାତା ଜ୍ୱାଳା ଦେବୀ ଭଗବାନ ଶିବଙ୍କ ସହିତ ସବୁବେଳେ ରହିଥାନ୍ତି। ଏହି ଶକ୍ତିପୀଠର ଅନେକ ମହାତ୍ମ୍ୟ ରହିଛି। ମୁଖ୍ୟତଃ ଏହି ଶକ୍ତିପୀଠରେ ମାତା ଜ୍ୱାଳା ଦେବୀଙ୍କର ପୂଜା-ଅର୍ଚ୍ଚନା କଲେ, ମା'ଯଥାଶୀଘ୍ର ପ୍ରସନ୍ନ ହୋଇଥାନ୍ତି ବୋଲି ସମସ୍ତଙ୍କର ଧାରଣା ରହିଛି। ଯେଉଁ ଭକ୍ତ ଓ ଶ୍ରଦ୍ଧାଳୁ ଜ୍ୱାଳା ଦେବୀଙ୍କ ମନ୍ଦିରରେ ମାତାଙ୍କୁ ପୂଜାର୍ଚ୍ଚନା କରନ୍ତି, ସେମାନଙ୍କର ମନୋକାମନା ପୂରଣ ହୁଏ ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନେ କହନ୍ତି। ଜ୍ୱାଳାମୁଖୀ ମନ୍ଦିରକୁ ଜ୍ୟୋତି ୱାଲୀ ମନ୍ଦିର ଓ ନଗରକୋଟ ବୋଲି ମଧ୍ୟ କୁହାଯାଏ।

ମାତା ଜ୍ୱାଳା ଦେବୀଙ୍କ ମନ୍ଦିରରେ ଅହରହ ଜଳୁଛି ନଅଟି ଅଗ୍ନିଶିଖା। ମାତାଙ୍କ ମନ୍ଦିରରେ ବିନା ତେଲ ସଳିତାର ନଅଟି ଅଗ୍ନିଶିଖା ଜଳୁଛି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଅଗ୍ନିଶିଖା ସ୍ୱଂୟ ମାତା ଜ୍ୱାଳାମୁଖୀ। ସେଠାରେ ଅନ୍ୟ ଆଠଟି ଅଗ୍ନିଶିଖା ରୂପରେ ମା'ଅନ୍ନପୂର୍ଣ୍ଣା, ମା' ଚଣ୍ଡୀ,



ମା'ହିଙ୍ଗଳାଜ, ମା'ବିନ୍ଧ୍ୟବାସିନୀ, ମା'ମହାଲକ୍ଷ୍ମୀ, ମା'ସରସ୍ୱତୀ, ମା'ଅମ୍ବିକା ଓ ମା'ଅଞ୍ଜି ଦେବୀ ବିରାଜମାନ ଅଛନ୍ତି। ଅତୀତରେ ଆକବର ମାତାଙ୍କର ଏହି ଅଗ୍ନିଶିଖାକୁ ଲିଭାଇବା ପାଇଁ ବହୁ ଚେଷ୍ଟା କରିଥିଲେ ହେଁ ଅସଫଳ ହୋଇଥିଲେ। ମାତାଙ୍କ ମନ୍ଦିରରେ ପ୍ରତିଦିନ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ପୂଜା କରିବାକୁ ଆସନ୍ତି।

ମା'ଙ୍କ ମନ୍ଦିରରେ ପ୍ରତିଦିନ ସକାଳ ଆରତୀ ୫ଟାରେ ଆରମ୍ଭ ହୁଏ। ମଧ୍ୟାହ୍ନ ଆରତୀ ୧୨ ଟାରେ ଆରମ୍ଭ ହୁଏ। ସନ୍ଧ୍ୟା ଆରତୀ ୭ ଟାରେ ଆରମ୍ଭ ହୁଏ। ସେହିପରି ଶୟନ ଆରତୀ ରାତି ୯ ଟାରେ ଆରମ୍ଭ ହୁଏ।

**ଜ୍ୱାଳାମୁଖୀ ଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ କିପରି ଯିବେ:-**

**୧) ଆକାଶ ପଥ:** କାଙ୍ଗ୍ରା ଏୟାର ପୋର୍ଟ ରେ ପହଂଚିବା ପରେ ଏଠାରୁ ମାତା ଜ୍ୱାଳା ଦେବୀଙ୍କ ମନ୍ଦିରରେ ପହଂଚିବା ପାଇଁ କାର୍ ଓ ବସ୍ ର ବ୍ୟାପକ ସୁବିଧା ରହିଛି।

**୨) ରେଳ ପଥ:** ରେଳପଥରେ ଯିବାକୁ ହେଲେ, ପଠାଣକୋଟରୁ ଚାଲୁଥିବା ସ୍ୱତନ୍ତ୍ର ରେଳର ସହାୟତାରେ ମରାନ୍ଦା ଦେଇ ପାଲମପୁର ଆସିପାରିବେ। ଏହାପରେ ପାଲମପୁରରୁ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ବସ୍ କିମ୍ବା କାରର ସୁବିଧା ରହିଛି।

**୩) ସଡ଼କ ପଥ:** ଭକ୍ତ ଓ ଶ୍ରଦ୍ଧାଳୁମାନେ ନିଜ ଗାଡ଼ି କିମ୍ବା ଭଡ଼ା ଗାଡ଼ିରେ ମା'ଙ୍କ ମନ୍ଦିରରେ ପହଂଚିପାରିବେ।

# ଆଗାମୀ ପୌର ନିର୍ବାଚନକୁ ନେଇ କେନ୍ଦ୍ରାପଡାରେ ଚା ଖଟିରେ ଚର୍ଚ୍ଚା

କେନ୍ଦ୍ରାପଡ଼ା (ପିଏନ୍): ଆଗାମୀ ପୌର ନିର୍ବାଚନକୁ ନେଇ କେନ୍ଦ୍ରାପଡାର ବିଭିନ୍ନ ଚାହା ଖଟିରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେନ୍ଦ୍ରାପଡା ସହରର ବିଭିନ୍ନ ଚାହା ଖଟିରେ ଭିନ୍ନ ଭିନ୍ନ ଦଳର ନେତାମାନେ ପହଞ୍ଚି ଏହି ପୌର ନିର୍ବାଚନକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ କରିଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡା ପୌରସଂସ୍ଥା ନିମନ୍ତେ ନିର୍ବାଚନୀ ବିଗୁଲ ବାଜିବା ପରେ ଦଳୀୟ କର୍ମୀମାନେ ତତ୍ପର ହୋଇ ଉଠିଥିବା ଦେଖାଯାଇଛି। ଦଳର କେତେକ ଟିକଟେ ଆଶାୟୀ ଏହି ଚାହା ଖଟିର ଚର୍ଚ୍ଚାରେ ଯୋଗଦେଇ ଦଳୀୟ ନେତାମାନଙ୍କୁ ଟିକେଟ ପାଇବା ନେଇ ଫୁସୁଲାଉଥିବା ଦେଖିବାକୁ ମିଳିଛି। କିନ୍ତୁ ଟିକେଟ ଆଶାୟୀମାନେ ବୁଝିବା ଆବଶ୍ୟକ ଯେ ସେମାନଙ୍କ ଦଳ ପ୍ରତି ଥିବା ଆନୁଗତ୍ୟକୁ ନେଇ ସେମାନଙ୍କୁ ଦଳୀୟ ଟିକେଟ ମିଳିବା ନମିଳିବା ନିର୍ଭର କରିବ। ସେହିପରି ସୋମବାର ସକାଳେ ମଧ କେନ୍ଦ୍ରାପଡା ସହରର ବିଭିନ୍ନ ଚାହା ଖଟିରେ ଆଗାମୀ ପୌରନିର୍ବାଚନ ପାଇଁ ଟିକେଟ ଆଶାୟୀ ଥିବା ବହୁ ଦଳୀୟ କର୍ମୀ ପହଞ୍ଚି ସେମାନଙ୍କ ଟିକେଟ ପାଇବାକୁ ନେଇ ଲବି ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ରାଜନୈତିକ ଦୃଷ୍ଟିକୋଣରୁ କେନ୍ଦ୍ରାପଡା ଏକ ସଂବେଦନଶୀଳ ଅଞ୍ଚଳ ହୋଇଥିବା ବେଳେ ଭିନ୍ନ ଭିନ୍ନ ରାଜନୈତିକ ଦଳର କର୍ମୀମାନେ ଏବେଠାରୁ କସରତ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ପୌରସଂସ୍ଥାର ଅଧ୍ୟକ୍ଷ ପଦ ନିମନ୍ତେ ସରକାରୀ ବିଜେଡି ଦଳର ୧୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ହେବାକୁ ମନବଳାଇଥିବା ବେଳେ କଂଗ୍ରେସ ଦଳରୁ ୫ଜଣ ଓ ବିଜେପିରୁ ୪ଜଣ ପ୍ରାର୍ଥୀ ବାହାରିଥିବା ଆଲୋଚନା ହେଉଛି। ସେହିପରି କେତେକ ସ୍ୱାଧୀନ ପ୍ରାର୍ଥୀ ମଧ ଏଥିନିମନ୍ତେ ମନ ବଳାଇଥିବା ଶୁଣାଯାଉଛି। ପୌର ନିର୍ବାଚନ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇନଥିବା ବେଳେ ବିଭିନ୍ନ ଦଳର ବ୍ୟକ୍ତିବିଶେଷ ଆଜହୁଁ ଟିକେଟ ପାଇବା ପାଇଁ ଲବି ଆରମ୍ଭ କରିଦେଇଥିବା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଛି।

# ରାଉରକେଲା ଷ୍ଟିଲ ପ୍ଲାଣ୍ଟମହାପ୍ରବନ୍ଧକଙ୍କ ପିତୃ ବିୟୋଗ

କେନ୍ଦ୍ରାପଡ଼ା (ପିଏନ୍): ରାଉରକେଲା ଷ୍ଟିଲ ପ୍ଲାଣ୍ଟର ମହାପ୍ରବନ୍ଧକ ଜ୍ୟୋତି ପ୍ରକାଶ ମଲ୍ଲିକଙ୍କ ପିତା ତଥା କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ପଦନିପାଳ ଗ୍ରାମର ଘନମୋହନ ମଲ୍ଲିକଙ୍କର ଭୁବନେଶ୍ୱରର ଏକ ବେସରକାରୀ ହସପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତଃ ମଲ୍ଲିକ ଭୁବନେଶ୍ୱରସ୍ଥିତ ଅଡିଟର ଜେନେରାଲଙ୍କ କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ। ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପଦନିପାଳର ଗ୍ରାମବାସୀ ଓ ଭୁବନେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଗଭିର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟେ ପୁଅ, ବୋହୁ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ଜ୍ୟୋତିପ୍ରକାଶ ମୁଖାଗ୍ନି ଦେଇଥିଲେ।

# ଆମ ଗର୍ବ ଓ ଗୌରବ ପାଇକ ବିଦ୍ରୋହ



ଭୁବନେଶ୍ୱର (ପିଏନ୍): ସୋମବାର ସନ୍ଧ୍ୟା ୬ ଘଟିକା ୩୦ ମିନିଟ ସମୟରେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜି, ରାଜାଛକ ବୌଦ୍ଧିକ ସମାବେଶଠାରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ କରକମଳରେ ଭାରତବର୍ଷର ପ୍ରଥମ ମୁକ୍ତି ଆନ୍ଦୋଳନ 'ପାଇକ ସଂଗ୍ରାମ' ଉପରେ ଇଂରାଜୀ ପଞ୍ଜିକା ପରିବର୍ତନ ଅବସରରେ ଓଡିଆ ଭାଷାରେ ପ୍ରତିଭାଦୀପ୍ତ କମଳ ଲୋଚନ ବିଶ୍ୱାଳଙ୍କ ଦ୍ୱାରା ପ୍ରସ୍ତୁତ ଦିନ ପଞ୍ଜିକା-୨୦୨୨(କ୍ୟାଲେଣ୍ଡର) ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଶତପଥୀ, ପାଇକମାନଙ୍କ ଅବଦାନ ଏବଂ ପରମ୍ପରା ଆଜିର ଯୁବ ସମାଜ ଅନୁକରଣ କରିବା ହିଁ ସମୟର ଆହ୍ୱାନ। ଇଂରେମାନଙ୍କ ବିରୋଧରେ ଅଦମ୍ୟ ସାହାସର ସହିତ ସଂଗ୍ରାମ କରି ପୁରୀ ଓ ବାଣପୁରକୁ ସ୍ୱାଧିନ ଘୋଷଣା କରିଥିବା କାରଣରୁ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଲିପିବଦ୍ଧ ହୋଇ ରହିଛି ବୋଲି ପ୍ରକାଶ କରିଥିଲେ। ଏହି ପଞ୍ଜିକା ଏକ ଭିନ୍ନ ଏବଂ ସଂସ୍କୃତି, ପରମ୍ପରାକୁ ପାଥେୟ କରି ଅତି ଉତ୍କୃଷ୍ଟ ୧୨ ମାସରେ ଭିନ୍ନ ଭିନ୍ନ ପାଇକମାନଙ୍କର ସଂଘର୍ଷ, ବଳିଦାନର ଫଟୋ ଭକ୍ତ ପଞ୍ଜିକାରେ ସ୍ଥାନ ପାଇଛି । ଏହି ଚିନ୍ତାଧାରାକୁ ଶ୍ରୀଯୁକ୍ତ ଶତପଥୀ ଭୂୟସୀ ପ୍ରଶଂସା କରିଥିଲେ। ଏହି ପଞ୍ଜିକାର ମୁଖ୍ୟ ପୁରୋଧା କମଳ ଲୋଚନ ବିଶ୍ୱାଳ ବିଗତ ତିନି ବର୍ଷ ହେଲା ତାଙ୍କ ମାନସପଟରେ ପାଇକମାନଙ୍କ ସଂଗ୍ରାମକୁ ନେଇ ଏହି ପଞ୍ଜିକାଟି ପ୍ରସ୍ତୁତ କରିବା ପାଇଁ ଅକ୍ଳେଶ ପରିଶ୍ରମ କରିଥିଲେ । ଏହି



ପଞ୍ଜିକା ସାଧାରଣରେ ଅନ୍ୟ ପଞ୍ଜିକାଠାରୁ ସମ୍ପୂର୍ଣ୍ଣ ଭାବେ ବେଶ ଲୋକାଦୃତ ହୋଇପାରିବ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଗୁଣୀଜ୍ଞାନୀ ସଂସ୍କୃତିସମ୍ପନ୍ନ ଅତିଥିମାନେ ଯୋଗ ଦେଇଥିଲେ । ବୌଦ୍ଧିକ ସମାବେଶର ଏହି ପଞ୍ଜିକା ଉନ୍ମୋଚିତ ହୋଇଥିବାରୁ ଶ୍ରୀ ବିଶ୍ୱାଳ ଆନନ୍ଦିତ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡ଼ାକ୍ତର ଦାମୋଦର ରାଉତ, କାଳୁ ଖଣ୍ଡାୟତ ରାୟ ଉପସ୍ଥିତି ଥିଲେ, ସିତବଲବ ମହାପାତ୍ର , ପ୍ରଫେସର ଅଶୀତ ଦାଶ , ଶ୍ରୀରଞ୍ଜନ ମଙ୍ଗରାଜ, ସମାଜସେବୀ ବିଜୟ ପରିଡା, ଦେବୀ ପ୍ରସାଦ ପୃଷ୍ଟି, ଲିଙ୍ଗରାଜ କାଟା( ସାଧାରଣ ସମ୍ପାଦକ), ସାମ୍ବାଦିକ ସୌଭାଗ୍ୟ ମହାନ୍ତି



(ଉପସଭାପତି), ରାହୁଲ କୁମାର ( ସମ୍ପାଦକ), ସାମ୍ବାଦିକ ବିମଳ ଚନ୍ଦ୍ର ପ୍ରଧାନ( ମୁଖପାତ୍ର), ଶରତ କୁମାର ରାଉତ (କୋଷାଧକ୍ଷ), ପ୍ରଦୋଷ କୁମାର ପରିଡା, ପିୟୁଷ କୁମାର ସ୍ୱାଇଁ, ଋତୁରାଜ ପଟ୍ଟନାୟକ(ଆଇନଜୀବୀ), ସଂଜୀବ କୁମାର ପଣ୍ଡା, ପ୍ରଶାନ୍ତ କୁମାର ପରିଡା, ଜଗନ୍ନାଥ ବିଶ୍ୱାଳ, ମାନସ ଦାଶ, ସୁନୀଲ କୁମାର ନାୟକ, ସୁବ୍ରତ କୁମାର, ପ୍ରଦୀପ୍ତ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ପରିଡା, ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

**ପର୍ଯ୍ୟବେକ୍ଷକ ସମ୍ପାଦକୀୟ**

**ଭୁବନେଶ୍ୱର, ୨୦୨୩, ଡିସେମ୍ବର ୧୩**

# କମିଶନରେଟ ପୁଲିସର ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ



ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି ।ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ ।ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା। ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ ।କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ । ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । 'ତେଲିଆ ମୁଣ୍ଡରେ ତେଲ 'ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି । ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରାଧୀନ ଅଛି । ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରାଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରାଧୀନ ଅଛି । ଏହିସବୁ ମାମଲା ର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି । ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ –ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ ।କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା । ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି। ବିଭିନ୍ନ କୋର୍ଟରେ ବିଚାରାଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୃଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାର୍ଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ଼ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ। 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଲ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

ଗୋପାଳପୁର, ବାଲେଶ୍ୱର,
ମୋ :୭୦୨୦୬୧୧୩୦୦

# ଧାରା ୩୭୦କୁ ନେଇ ସୁପ୍ରିମକୋର୍ଟଙ୍କ ରାୟ: ଦେଶର ଅଖଂଡତାରେ ବାଧକ ଶକ୍ତିଙ୍କୁ ଶକ୍ତ ଚାପୁଡା

ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯିବା ବିରୋଧରେ ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନ ଗୁଡିକର ଶୁଣାଣୀ କରିବା ପରେ ସମ୍ବିଧାନ ପୀଠ ତାଙ୍କର ରାୟ ପ୍ରଦାନ କରିଛନ୍ତି। ଏହି ରାୟରେ ସମ୍ବିଧାନ ପୀଠ ପକ୍ଷରୁ କୁହା ଯାଇଛି ଯେ ଜାମ୍ମୁ କାଶ୍ମୀରରେ ୩୭୦ ଉଚ୍ଛେଦ କରାଯିବାର ଆଦେଶ ସମ୍ବିଧାନିକ ଆକାରରେ ସମ୍ପୂର୍ଣ ଠିକ୍ । ରାଷ୍ଟ୍ରପତି ଶାସନ ସମୟରେ କେନ୍ଦ୍ର ସରକାର କୌଣସି ଅପରିବର୍ତନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ ନାହିଁ ବୋଲି ଏହି ମାମଲାରେ ଆବେଦନକର୍ତା ମାନେ ଦେଇଥିବା ତର୍କକୁ କୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ଏହା ଦ୍ୱାରା ଅନୁଚ୍ଛେଦ ୩୭୦କୁ ନେଇ ସମସ୍ତ ବିବାଦ ଉପରେ ପୂର୍ଣଚ୍ଛେଦ ପଡି ଯାଇଛି । ଦେଶ ସ୍ୱାଧୀନ ହେବା ପରେ ଦେଶର ଅଖଂଡତାକୁ ବଜାୟ ରଖିବା ପାଇଁ ସରଦାର ପଟେଲ ଦେଶୀୟ ରାଜ୍ୟ ମାନଙ୍କୁ ଭାରତରେ ବିଲୟ କରିବାର ଯେଉଁ ପ୍ରକ୍ରିୟା ଆରମ୍ଭ କରିଥିଲେ ତାହା ସମ୍ପୂର୍ଣ ହୋଇଥିବାର ପ୍ରମାଣ ହେଉଛି ସୁପ୍ରିମକୋର୍ଟର ଏହି ରାୟ । ସୁପ୍ରିମକୋର୍ଟର ଏହି ରାୟ ଏକ ସନାତନ ରାଷ୍ଟ୍ର ରୂପେ ଭାରତର ସଂପ୍ରଭୁତା, ଏକତା, ଅଖଂଡତାକୁ ପୁଣିଥରେ ପ୍ରତିପାଦିତ କରିଛି । ସୁପ୍ରିମକୋର୍ଟ ଏହି ମାମଲାରେ ଅତ୍ୟନ୍ତ ସ୍ପଷ୍ଟ ଓ ସର୍ବସମ୍ମତ ରାୟ ଦେଇ କହିଛନ୍ତି ଜାମ୍ମୁ କାଶ୍ମୀର ନିଜେ ନିଜେ କୌଣସି ସଂପ୍ରଭୁ ରାଜ୍ୟ ନ ଥିଲା ଓ ଏହାର ସଂପ୍ରଭୁତା ଭାରତର ସଂପ୍ରଭୁତାରେ ସୀମିତ ଥିଲା । ସୁପ୍ରିମକୋର୍ଟର ଏହି ରାୟ ପରେ ଏକ ନୂଆ ଭାରତ ବିଶ୍ୱ ସାମନାରେ ଅଧିକ ଶକ୍ତିଶାଳୀ ହୋଇ ଠିଆ ହେବ । ଏହି ଅନୁଚ୍ଛେଦ ଯେତେବେଳେ ଲାଗୁ ହେଲା ସେଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ଏହା ଅସ୍ଥାୟୀ ବ୍ୟବସ୍ଥା । ଅନୁଚ୍ଛେଦ ୩୭୦ର ଏହି ଅସ୍ଥାୟୀ ବ୍ୟବସ୍ଥା ସେଠାରେ ଲାଗୁ କରାଯିବା କାରଣରୁ ଅବଶିଷ୍ଟ ଭାରତ ଓ ଜାମ୍ମୁ କାଶ୍ମୀର ମଧ୍ୟରେ ସେଭଳି ଏକାତ୍ମତା ତିଆରି ହେବା କଥା ତାହା ହୋଇ ପାରି ନ ଥିଲା । ଏହାର କାରଣ ହେଲା ଯେ ଏହି ଅସ୍ଥାୟୀ ବ୍ୟବସ୍ଥା କାରଣରୁ ଜାମ୍ମୁ କାଶ୍ମୀର ପାଇଁ ଅଲଗା ଆଇନ, ଅଲଗା ପ୍ରଧାନ ଓ ଅଲଗା ପତାକା ରହିଥିଲା । ଅବଶିଷ୍ଟ ଭାରତର ଲୋକ ମାନଙ୍କୁ ସେଠାକୁ ଯିବାକୁ ପରମିଟର ଆବଶ୍ୟକତା ପଡୁଥିଲା । ଭାରତରେ ସମ୍ପୂର୍ଣ ଭାବେ ଏକାତ୍ମ ହେବାରେ ବାଧକ ଏହି ଅସ୍ଥାୟୀ ଅନୁଚ୍ଛେଦ ପଛରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଓ ତାଙ୍କର ବନ୍ଧୁ ଶେଖ ଅବଦୁଲ୍ଲା ହିଁ ଥିଲେ । ନେହରୁ ପ୍ରଥମେ ତାଙ୍କର ବନ୍ଧୁଙ୍କୁ ଖୁସି କରିବା ପାଇଁ ଏହି ଅସ୍ଥାୟୀ ବ୍ୟବସ୍ଥା ଯୋଡିଥିଲେ । ମାତ୍ର ପରବର୍ତୀ ସମୟରେ ଶେଖ ଅବଦୁଲ୍ଲା ତାଙ୍କର ବାସ୍ତବିକ ରଙ୍ଗ ଦେଖାଇବା ଆରମ୍ଭ କରିଥିଲେ।

ଏହି ଅସ୍ଥାୟୀ ଅନୁଚ୍ଛେଦର ସବୁଠାରୁ ଅଧିକ ଲାଭ ନେଇଥିଲା ପାକିସ୍ତାନ । ପାକିସ୍ତାନ ଅନୁଚ୍ଛେଦ ୩୭୦ ଲାଗୁ ଥିବା କାରଣରୁ ଏହାର ଆଳ ନେଇ ଜାମ୍ମୁ କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ ନୁହେଁ ବୋଲି ତାଙ୍କ ଦେଶର ଲୋକଙ୍କ ମଧ୍ୟରେ ଓ ବିଦେଶରେ ଦୀର୍ଘ ବର୍ଷ ଧରି ଅପପ୍ରଚାର କରିଥିଲା । ଇସଲାମୀ ଦେଶ ମାନଙ୍କ ସଂଗଠନକୁ ମଧ୍ୟ ସେ ତାର ଦୁଷ୍ପ୍ରଚାର ଅଭିଯାନରେ କାବୁ କରି ନେଇଥିଲା । ଯଦି ଆମେ ସଂସଦୀୟ ଇତିହାସରେ ଦୃଷ୍ଟି ପକାଇବା ତେବେ କାଶ୍ମୀରର କିଛି ପାରିବାରିକ ରାଜନୈତିକ ଦଳ ଗୁଡିକୁ ଛାଡି ସବୁ ପ୍ରମୁଖ ରାଜନୈତିକ ଦଳ ମାନେ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବାର ପକ୍ଷଧର ଥିଲେ । ଜବାହର ଲାଲ ନେହରୁ ଏହି ଅସ୍ଥାୟୀ ବ୍ୟବସ୍ଥାକୁ ଲାଗୁ କରିଥିଲେ ସତ, ହେଲେ ସେ ମଧ୍ୟ ଏହାକୁ ହଟାଇବାକୁ ଚାହୁଁଥିଲେ । ତାଙ୍କ ପରେ ପ୍ରଧାନମନ୍ତ୍ରୀ ହୋଇଥିବା ଲାଲ ବାହାଦୁର ଶାସ୍ତ୍ରୀ ହୁଅନ୍ତୁ ବା ଅନ୍ୟ ମାନେ ହୁଅନ୍ତୁ ସଂସଦରେ ଆଲୋଚନା ବେଳେ କଂଗ୍ରେସ ସାଂସଦ ମାନେ ଏହି ଦାବି ବାରମ୍ବାର କରିଛନ୍ତି, ଯାହା ସଂସଦର ରେକର୍ଡରେ ମିଳିଯାଏ । ଗୁଲଜାରିଲାଲ ନନ୍ଦା ମଧ୍ୟ ସଂସଦରେ କହିଥିଲେ ଯେ ଏହି ଅନୁଚ୍ଛେଦ ହଟିବା ଆବଶ୍ୟକ ।

ଜନସଂଘ ପାଇଁ ଏହି ପ୍ରସଙ୍ଗ ସବୁଠାରୁ ବଡ ପ୍ରସଙ୍ଗ ଥିଲା । ଭାରତର ଅଖଂଡତାର ଉପାସକ ଜନସଂଘର ପ୍ରଥମ ସଭାପତି ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଏହି ପ୍ରସଙ୍ଗରେ ଆନ୍ଦୋଳନ କରି ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନହିଁ ଚଲେଗା ର ସ୍ଲୋଗାନ ଦେଇଥିଲେ ଓ ଜାମ୍ମୁକାଶ୍ମୀରର ଜେଲରେ ନିଜର ବଳିଦାନ ଦେଇଥିଲେ । ଏହି ଅନୁଚ୍ଛେଦକୁ ହଟାଇବାକୁ ପ୍ରଜା ପରିଷଦ ଆନ୍ଦୋଳନ ଦୀର୍ଘ ଦିନ ଧରି ହୋଇଥିଲା । ଏହି ଆନ୍ଦୋଳନରେ ଅନେକ ଲୋକ ସେମାନଙ୍କର ଜୀବନର ବଳିଦାନ ଦେଇଥିଲେ । ଜନସଂଘର ପରବର୍ତୀ ସଂସ୍କରଣ ତଥା ଆଜିର ଭାରତୀୟ ଜନତା ପାର୍ଟିର ଏଜେଣ୍ଡାରେ ଏହା ପ୍ରଥମରୁ ହିଁ ରହି ଆସିଛି । ତେଣୁ କୁହା ଯାଇ ପାରେ ଯେ ସମସ୍ତ ରାଜନୈତିକ ଦଳ ଏହି ଅସ୍ଥାୟୀ ଅନୁଚ୍ଛେଦ ହଟାଇବା ପାଇଁ ଇଚ୍ଛୁକ ଥିଲେ । ହେଲେ କଂଗ୍ରେସ ଦଳର ନେତା ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକୁ କରିବାକୁ ସାହସ ନ ଥିଲା । ଗୋଟିଏ ପ୍ରକାରରେ ଏହି ଅସ୍ଥାୟୀ ଅନୁଚ୍ଛେଦକୁ ହଟା ଯିବା ଆବଶ୍ୟକ ଏହା ଭାରତର ସମସ୍ତ ଦେଶବାସୀଙ୍କ ମନରେ ଥିଲା । ହେଲେ କାହା ମଧ୍ୟରେ ସେହି ସାହସ ନ ଥିଲା । ସାରା ଦେଶର ଇଚ୍ଛା ଥିଲା, ହେଲେ କାହାକୁ ନା କାହାକୁ ଏହି ସାହସ ଦେଖାଇବାର ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସାହସ ଦେଖାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ସାରା ଦେଶର ନାଗରିକ ମାନଙ୍କର ଇଚ୍ଛାକୁ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ଓ ୨୦୧୯ ମସିହାରେ ଏହି ଅସ୍ଥାୟୀ ବ୍ୟବସ୍ଥାକୁ ସେ ସମାପ୍ତ କରିଥିଲେ ଓ ଦେଶର ଏକାତ୍ମତା ଦିଗରେ ଥିବା ଏହି ଅବରୋଧକୁ ସମାପ୍ତ କରି ଥିଲେ । ଭାରତର ଏକତା- ଅଖଂଡତା ଓ ଏକାତ୍ମତାରେ ବାଧା ସୃଷ୍ଟି କରୁଥିବା କିଛି ନେତା- ବ୍ୟକ୍ତି ସଂଗଠନ ଏହି ପ୍ରସଙ୍ଗକୁ ସୁପ୍ରିମକୋର୍ଟକୁ ନେଇ ଯାଇଥିଲେ । ଦୀର୍ଘ ଦିନର ଶୁଣାଣୀ ପରେ କୋର୍ଟଙ୍କ ସମ୍ବିଧାନ ପୀଠ ଏହି ଐତିହାସିକ ରାୟ ଦେଇ ଏହି ବିଷୟକୁ ସମାପ୍ତ କରିଛନ୍ତି । ତେବେ ଏହି ଐତିହାସିକ ଭୁଲକୁ ସଜାଡିବା ଅର୍ଥାତ ଅନୁଚ୍ଛେଦ ୩୭୦କୁ ସମାପ୍ତ କରିବା ସେତେ ସହଜ ନ ଥିଲା । ଏହାର କାରଣ ଥିଲା ଯେ ଏହା ଏକ ଅତ୍ୟନ୍ତ ପୁରୁଣା ପ୍ରସଙ୍ଗ ଥିଲା । ଦୀର୍ଘ ଦିନ ଧରି ଏହାକୁ ହଟା ନ ଯିବା କାରଣରୁ ଏହି ପ୍ରସଙ୍ଗ ଜଟିଳ ପ୍ରସଙ୍ଗ ହୋଇ ସାରିଥିଲା । ଭାରତ ଭିତରେ ଥିବା ଭାରତର ଶତ୍ରୁ ଓ ବାହ୍ୟ ଶତ୍ରୁ ମାନେ ଏହି ପ୍ରସଙ୍ଗର ଆନ୍ତର୍ଜାତିୟକରଣ କରିବାରେ ଲାଗିଥିଲେ । ଭାରତର ଲିବରାଲ ବର୍ଗ ଓ ଗଣମାଧ୍ୟମର କିଛି ବର୍ଗ ମଧ୍ୟ ଏହି କାର୍ଯ୍ୟରେ ଲଗାତାର ଲାଗିଥିଲା । କିନ୍ତୁ ଏହି ସବୁ ପ୍ରତିକୂଳ ପରିସ୍ଥିତି ସତ୍ୱେ ଖୁବ ସୁରୁଖୁରୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ଟିମ ଏହି ସମସ୍ୟାର ସମାଧାନ କରିଛନ୍ତି । ତେଣୁ ପ୍ରଧାନମନ୍ତ୍ରୀ ଓ ତାଙ୍କ ଟିମକୁ ଏହି ଐତିହାସିକ କାର୍ଯ୍ୟ ପାଇଁ ଧନ୍ୟବାଦ ଦେବାକୁ ପଡିବ। ଏବେ ସୁପ୍ରିମକୋର୍ଟ ମଧ୍ୟ ତାଙ୍କର କାର୍ଯ୍ୟ ଉପରେ ମୋହର ମାରିଛନ୍ତି ।



ଡ. ସମନ୍ୱୟ ନନ୍ଦ

# ମରଣ ଯନ୍ତା

ରାଜ୍ୟରେ ସଡକ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ଓଡିଶା ପୋଲିସ ଏବଂ ପରିବହନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ପାଳନ କରାଯାଉଥିବା 'ମୃତ୍ୟୁଶୂନ୍ୟ' ସପ୍ତାହ କେବଳ ଏକ ଉପହାସରେ ପରିଣତ ହୋଇନାହିଁ, ବରଂ ଓଡିଶାର ସଡକ ପଥ ଯେ, ମରଣ ଯନ୍ତାରେ ପରିଣତ ହୋଇଛି, ଏହା ପ୍ରମାଣିତ କରିଛି ବୋଲି ନିସନ୍ଦେହରେ ସ୍ୱୀକାର କରିବାକୁ ହେବ। କହିବା ବାହୁଲ୍ୟ ଯେ, ମୃତ୍ୟୁଶୂନ୍ୟ ସପ୍ତାହ ଚାଲିଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୮୦ଜଣଙ୍କ ଜୀବନ ଯାଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ବେସରକାରୀ ଭାବେ ଏହି ସଂଖ୍ୟା ୧୦୦ଟପିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ମିଳିଥିବା ରିପୋର୍ଟ ଅନୁସାରେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ନୂଆପଡାରେ ୭ଜଣ, କୋରାପୁଟରେ ୫, ବଲାଙ୍ଗୀର, ରାଉରକେଲା, ସମ୍ବଲପୁରରେ ୧ଜଣ ଲେଖାଏଁ ଏବଂ ଖୋଦ ରାଜଧନୀ ଭୁବନେଶ୍ୱରରେ ୪ଜଣଙ୍କର ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ ମୃତ୍ୟୁ ଶୂନ୍ୟ ସପ୍ତାହକୁ ସଫଳ କରିବାକୁ ଓଡିଶା ପୋଲିସ ଏବଂ ପରିବହନ ବିଭାଗ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ବ୍ୟାପକ ଧରପଗଡ, ଚଢାଉ ଅଭିଯାନ ଆରମ୍ଭ କରାଯାଇଥିଲା। ଏପରିକି ଅମାନିଆଙ୍କ ଠାରୁ ଲକ୍ଷ ଲକ୍ଷ ଜୋରିମାନା ଆଦାୟ କରାଯାଇଥିବାବେଳେ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ଯେଉଁଭଳି ଅମାନିଆ ଗାଡିଚାଳକଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଥିଲା, ଓଡିଶା ପୋଲିସ ଓ ପରିବହନ ବିଭାଗର ମୁଖ୍ୟ କାର୍ଯ୍ୟ ଟଙ୍କା ଆଦାୟ ଥିବା କହିଲେ ହୁଏତ ଅତିରଂଜିତ ହୋଇନପାରେ। କେବଳ ଏତିକି ନୁହେଁ, ମୃତ୍ୟୁଶୂନ୍ୟ ସପ୍ତାହ ଅବସରରେ ଉଭୟ ବିଭାଗ ଯେପରି ତତ୍ପରତା ପ୍ରକାଶ କରିଥିଲେ, ତାହା କେବଳ ଲୋକଦେଖାଣିଆରେ ପରିଣତ ହୋଇଥିବା ପରି ମନେ ହେଉଛି। କେନ୍ଦ୍ର ସରକାରଙ୍କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରୋଡ ଆକ୍ସିଡେଂଟ ଇନ୍ ଇଣ୍ଡିଆ-୨୦୨୨ ରିପୋର୍ଟ ଅନୁଯାୟୀ ଦେଶରେ ମୋଟ ୪,୬୧,୩୧୨ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ସେଥିରେ ୧,୬୮,୪୯୧ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ୪,୪୩,୩୬୭ ଜଣ ଆହତ ହୋଇଥଲେ। ସେହିପରି ଓଡିଶାରେ ୧୧,୬୬୩ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ୫୪୬୭ ଜଣଙ୍କର ମୃତ୍ୟୁ ଘଟିଥିଲା। ଏଥିରୁ ସ୍ପଷ୍ଟ ଆକଳନ କରାଯାଇପାରେ ଯେ, ରାଜ୍ୟରେ ଦୈନିକ ହାରାହାରୀ ୩୨ଟି ଦୁର୍ଘଟଣା ଘଟୁଥିବା ବେଳେ ଦିନକୁ ହାରାହାରି ୧୫ଜଣଙ୍କର ମୃତ୍ୟୁ ଘଟୁଛି। ତେବେ ପୋଲିସର ଧରପଗଡ ଏବଂ ପରିବହନ ବିଭାଗର କଠୋର ନିୟମାବଳୀ, ରାଜ୍ୟରେ ସଡକ ଦୁର୍ଘଟଣା ରୋକିବା ନେଇ ସୁପ୍ରିମକୋର୍ଟଙ୍କ ତଦାରଖ କମିଟିର ତତ୍ପରତା ସତ୍ୱେ ଗତ ୨୦୨୧ ମସିହା ତୁଳନାରେ ରାଜ୍ୟରେ ଗତବର୍ଷ ଅର୍ଥାତ ୨୦୨୨ରେ ସଡକ ଦୁର୍ଘଟଣା ୬.୨ ପ୍ରତିଶତ ଏବଂ ମୃତ୍ୟୁ ସଂଖ୍ୟା ୨.୭ ପ୍ରତିଶତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବୃଦ୍ଧି ପାଇଥିଲା, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି ନିସନ୍ଦେହରେ କୁହାଯାଇପାରେବ। ଆହୁରି ମଧ୍ୟ ଜାତୀୟ ରାଜପଥରେ ସେହିବର୍ଷ ମୋଟ ୪୩୨୭ଟି ଦୁର୍ଘଟଣା ଘଟିଥିବାବେଳେ ୨୦୪୩ ଜଣ ମୃତ୍ୟୁ ଘଟିଥିଲା। ସେହିପରି ରାଜ୍ୟ ରାଜପଥରେ ଘଟିଥିବା ୨୦୪୮ଟି ଦୁର୍ଘଟଣାରେ ୧୨୭୪ ଜଣଙ୍କର ମୃତ୍ୟୁ ଘଟିଥିଲା। ବିଶେଷ କରି ବେପରୁଆ ପ୍ରତିଯୋଗିତାମୂଳକ ମନୋଭାବ ନେଇ ଦ୍ରୁତଗତିରେ ଗାଡିଚାଳନା, ଭୁଲ ପଥରେ ଗାଡି ଚଳାଇବା, ହେଲମେଟ୍ ଓ ସିଟ୍ ବେଲଟ୍ ନପିନ୍ଧିବା, ମଦପିଇ ଗାଡି ଚଳାଇବା, ଟ୍ରାଫିକ ନିୟମ ନମାନିବା ଆଦି ଦୁର୍ଘଟଣାର କାରଣ ହୋଇଥିବାବେଳେ ଜାତୀୟ ରାଜପଥ ହେଉ ବା ଏକ୍ସପ୍ରେସ ହାଇୱେ ହେଉ କିମ୍ବା ଜାତୀୟ ରାଜପଥ ହେଉ ନିର୍ମାଣ ଜନିତ ତୃଟି, ମରାମତି ଅଭାବର ରାସ୍ତାର ଅବସ୍ଥା ଶୋଚନୀୟ ତଥା ଖାଲଖମାରରେ ପରିଣତ ହେବା, ରାସ୍ତା ଉପରେ ବେଆଇନ ପାର୍କିଂ, ଓଭରଟେକିଂ ଏବଂ ରାସ୍ତା ଉପରେ ବୁଲା ଗାଇଗୋରୁଙ୍କ ଯାତାୟତ ଆଦି ଦୁର୍ଘଟଣାର ମୁଖ୍ୟ କାରଣ ଭାବେ ଉଭା ହୋଇଛି। ସେହିପରି ଟ୍ରାଫିକ ନିୟମକୁ ତଦାରଖ କରିବାରେ ପୋଲିସ ଓ ବିଭାଗୀୟ କର୍ତୁପକ୍ଷଙ୍କର ଅବହେଳାକୁ ଦୁର୍ଘଟଣା ପାଇଁ ମୁଖ୍ୟତଃ ଦାୟୀ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଆହୁରି ମଧ୍ୟ ପ୍ରତିବର୍ଷ, ଯାନବହନ ସଂଖ୍ୟା ଏତେ ମାତ୍ରାରେ ବଢିଚାଲିଛି ଯେ, ସେହି ଅନୁସାରେ ଗାଡି ଚଳାଇବା କିମ୍ବା ରଖିବା ପାଇଁ ସ୍ଥାନର ଅଭାବ ପରିଲକ୍ଷିତ ହୁଏ। ଜାତୀୟ ହେଉ ବା ରାଜ୍ୟ ରାଜପଥ କଡରେ ହଜାର ହଜାର ସଂଖ୍ୟାରେ ଟ୍ରକ, ବସ, କାର, ଦୁଇଚକିଆ ଯାନ ରହଣି ସ୍ଥଳ ଭାବେ ବ୍ୟବହୃତ ହେବା ରାସ୍ତା ଦୁର୍ଘଟଣାର ଆଉ ଏକ କାରଣ ଭାବେ ଉଭା ହୋଇଛି। ସ୍ମରଣ କରାଯାଇ ପାରେ ଯେ, ୨୦୧୯ ସେପ୍ଟେମ୍ବରରୁ ଦେଶରେ ନୂତନ ମୋଟର ଯାନ ଓ ଟ୍ରାଫିକ ଆଇନ ଲାଗୁ ହେବା ପରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯେଉଁଭଳି ଧରପଗଡ ଓ ଚେକିଂ ଚାଲିଥିଲା, ତାହାର ପ୍ରଭାବରେ କେବଳ ଆମ ରାଜ୍ୟରେ ନୁହେଁ, ଦେଶବ୍ୟାପୀ ସଡକ ଦୁର୍ଘଯଣା ଓ ମୃତ୍ୟୁ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଥିଲା। ଏପରିକି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ଏବେ ମାତ୍ରାରେ ହ୍ରାସ ପାଇଥିଲା, ଅର୍ଥାତ ବାୟୁମଣ୍ଡଳ ସ୍ୱଚ୍ଛ ହୋଇଯାଇଥିଲା ଯେ, ପଞ୍ଜାବକୁ ହିମାୟଳର ଶିଖର ଦୃଶ୍ୟମାନ ହୋଇଥିଲା। ମାତ୍ର ଏବେ ସେଭଳି ତନଖି କିମ୍ବା ଧରପଗଡ ଆଉ ନାହିଁ, ଯେଉଁ ତନଖି ହେଉଛି ତାହା କେବଳ ହେଲମେଟ୍ ଏବଂ ସିଟବେଲଟ୍ ଯାଂଚରେ ସିମୀତ ରହିଥିବା ସହ କେବଳ ଜୋରିମାନା ଆଦାୟ ମୁଖ୍ୟ ଅଭିମୁଖାରେ ପରିଣତ ହୋଇଥିବା ପରି ମନେହୁଏ। ନିକଟରେ ରାଜଧାନୀ ଭୁବନେଶ୍ୱରରେ ରାସ୍ତାରେ ବିରାଟ ଖମା ଯୋଗୁଁ ଜଣେ ଯୁବ ଡାକ୍ତରଙ୍କ ଜୀବନ ଯାଇଥିଲା। ଏହା ନିଶ୍ଚିତ ଯେ, ପୋଲିସ ଏବଂ ପରିବହନ ବିଭାଗର ଅବହେଳା ଯୋଗୁଁ ସଡକ ଦୁର୍ଘଟଣା ଏବଂ ତଦଜନିତ ମୃତ୍ୟୁ ସଂଖ୍ୟାରେ ଭାରତ ଆଜି ବିଶ୍ୱରେ ଶୀର୍ଷ ସ୍ଥାନରେ ରହିଛି। ଏହା ସତ୍ୟ ଯେ, ଦେଶରେ ପ୍ରତିବର୍ଷ ଜନସଚେତନତା ପାଇଁ ସଡକ ସୁରକ୍ଷା ସପ୍ତାହ ପାଳିତ ହେଉଛି। ମାତ୍ର ଏହାର ପ୍ରଭାବ ଲୋକ କିମ୍ବା ଗାଡି ଚାଳକଙ୍କ ଉପରେ ପଡୁଥିବା ମନେହୁଏ। ବରଂ ପ୍ରତି ସଡକ ଦୁର୍ଘଟଣା ଏବଂ ମୃତ୍ୟୁ ସଂଖ୍ୟା ବଢି ବଢି ଚାଲିଛି। ଏବେ ଦିନକୁ ଦିନ ଯେପରି ଗାଡି ସଂଖ୍ୟା ବଢିଚାଲିଛି, ବେଳହୁଁ ସାବଧାନ ନହେଲେ ସଡକ ଦୁର୍ଘଟଣା ପ୍ରାକୃତିକ ବିପର୍ଯ୍ୟାୟ କ୍ଷୟକ୍ଷତି ଠାରୁ ଟପିଯିବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ ନଂ-୯୪୩୭୯୯୪୩୭୯

# ମହାନ୍ ବିପ୍ଳବୀ - ବାଘା ଯତୀନ୍

ପ୍ରତି ଯୁଗରେ, ପ୍ରତି ଦେଶରେ ଦେଶପ୍ରେମୀଙ୍କର ଆର୍ବିଭାବ ଘଟେ। ଭାରତବର୍ଷର ଇତିହାସକୁ ଅନୁଶୀଳନ କଲେ ଅନେକ ଦେଶଭକ୍ତଙ୍କର ନାମ ଓ କାର୍ଯ୍ୟାବଳୀ ଦେଖିବାକୁ ମିଳେ। ଯେଉଁ କେତେ ଜଣ ଦେଶପ୍ରେମୀଙ୍କର ତ୍ୟାଗ ଉଜ୍ୱଳ ଦେଶପ୍ରେମରେ ଭାରତବର୍ଷର ଇତିହାସ ଋଦ୍ଧିମନ୍ତ ହୋଇଛି ସେମାନଙ୍କ ମଧ୍ୟରୁ ବିପ୍ଳବୀ ଯତୀନ୍ଦ୍ରନାଥ ମୁଖାର୍ଜୀ ଅନ୍ୟତମ। ଯାହାର କ ର୍ବ୍ୟବୋଧର ଭାବନାରେ ଯେଉଁ ଦେଶରେ ଜନ୍ମ, ଯାହାର ଶସ୍ୟ ଜଳ ଦ୍ୱାରା ସେ ପରିପୃଷ୍ଟ ଓ ବାୟୁରେ ଜୀବିତ ସେହି ଦେଶପ୍ରତି ତାଙ୍କର ପରମ ଶ୍ରଦ୍ଧା ଭକ୍ତି ରବିବା ବିଧେୟ। ସେହି ମହାନ ଦେଶପ୍ରେମୀଙ୍କର ଜନ୍ମ ପଶ୍ଚିମ ବଙ୍ଗଳାର ନଦିଆ ଜିଲ୍ଲା କାୟାଗ୍ରାମରେ ସମ୍ଭବତଃ ୧୮୭୯ ମସିହା ଡିସେମ୍ବର ୭ ତାରିଖରେ ହୋଇଥିଲା। ତାଙ୍କ ମା'ଙ୍କ ନାଁ ଶାରଦା ଶଶୀ ଦେବୀ ଓ ପିତାଙ୍କ ନାମ ଉମେଶ ଚନ୍ଦ୍ର ମୁଖାର୍ଜୀ। ପିଲାଟି ଦିନରୁ ବାପାଙ୍କୁ ହରାଇ ମା'ଙ୍କ ଯତ୍ନରେ ସେ ବଢ଼ିଥିଲେ। ସେ ଦିନେ ଖେଳପଡିଆରୁ ଆସିବା ସମୟରେ କୁକୁରଟିକୁ ଦେଖି ଛାନିଆ ହୋଇଗଲେ। ତାଙ୍କ ପାଟି ଶୁଣି ମା କହିଲେ ତୁ ସାହସର ସହିତ ଛିଡା ହୋଇଯା ଦେଖିବୁ କୁକୁରଟି ହଟିଯିବ। ସେୟା ହେଲା କୁକୁରଟି ପଳାଇଗଲା। ମା ଯତୀନ୍‌କୁ ବୁଝାଇଦେଲେ ବିପଦ ଆସିଲେ ସାହାସର ସହିତ ତାର ମୁକାବିଲା କଲେ ବିପଦ ଟଳିଯିବ। ଦିନେ ଯତୀନ୍ ନଦୀରେ ଗାଧୋଇବା ବେଳେ ଜୁଆର ପାଣି ମାଡିଆସିଲା। ଯତୀନ୍ ନଦୀ ଭିତରେ ଏକ ବଡ ପଥର ଉପରକୁ ଉଠିଯାଇ କାନ୍ଦିବାକୁ ଲାଗିଲେ। ସାଙ୍ଗମାନେ ଯତୀନ୍‌ଙ୍କ ମା'କୁ ଡାକିଲେ। ମା କହିଲେ ମୋ ପୁଅ ଭାରି ସାହାସୀ, ସେ ନିଜେ ପହଁରି ପହଁରି କୂଳକୁ ଆସିବ। ଯତୀନ୍ ମା'ଙ୍କ କଥାରେ ପହଁରି ପହଁରି ନଦୀକୂଳକୁ ଆସିଲେ। ଦିନେ ଯତୀନ୍ ସାଙ୍ଗମାନଙ୍କ ସହିତ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଗୋଟିଏ ହରିଣ ଛୁଆକୁ ସାଙ୍ଗମାନେ ଗୁଳି କରି ଧରିଆଣିଲେ। ଯତୀନ୍‌ଙ୍କର କିନ୍ତୁ ହରିଣ ଛୁଆଟି ପ୍ରତି ଦୟା ଆସିଲା। ସେ ହରିଣଟିକୁ ନମାରି ତାର ସେବା କରି ସୁସ୍ଥ କଲେ। ଦିନେ ଯତୀନ୍ ହରିଣ ଛୁଆଟିକୁ ଜଙ୍ଗଲରେ ଛାଡିଦେଲେ କିନ୍ତୁ ହରିଣଟି ଜଙ୍ଗଲକୁ ଗଲା ନାହିଁ। ସେ ଯତୀନ୍‌ଙ୍କ ପଛେ ପଛେ ତାଙ୍କ ଘରକୁ ପଳାଇଆସିଲା। ଦିନକର ଘଟଣା। ସାଙ୍ଗମାନଙ୍କ ସହିତ ଯତୀନ୍ ଜଙ୍ଗଲ ରାସ୍ତାରେ ଆସୁଥାନ୍ତି। ବାଘର ଗର୍ଜନ ଶୁଣି ସାଙ୍ଗମାନେ ଭୟରେ ଦୌଡି ପଳାଇଲେ। ବାଘଟି ଯତୀନ୍‌ଙ୍କ ଉପରକୁ ଝାମ୍ପ ମାରିଲା। ଉଭୟଙ୍କ ମଧ୍ୟରେ କିଛି ସମୟ ଲଢ଼େଇ ଚାଲିଲା। ଲଢ଼େଇରେ ବାଘଟି ମରିଗଲା। ଯତୀନ୍‌ର ସାଙ୍ଗମାନେ ଏ କଥା ଚାରିଆଡେ ପ୍ରଚାର କରିଦେଲେ। ସେହି ଦିନଠାରୁ ତାଙ୍କୁ ସମସ୍ତେ ଯତୀନ୍ ବଦଳରେ ବାଘାଯତୀନ୍ ବୋଲି କହିଲେ। ସେ ମା'ଙ୍କଠାରୁ ସାହାସିକତା ଓ ବିପଦବେଳେ ଧର୍ଯ୍ୟ ଧରିବା ଶିକ୍ଷା କରିଥିଲେ। ଇଂରେଜମାନଙ୍କର ଅତ୍ୟାଚାରରୁ ନିଜ ମାତୃଭୂମିକୁ ରକ୍ଷା କରିବାକୁ ସଦାସର୍ବଦା ଚେଷ୍ଟା କରିବୁ, ମା'ଙ୍କର ଏହି ପଦିକ କଥା ତାଙ୍କର ସବୁଦିନ ପାଇଁ ମନେଥିଲା। ରେଳଗାଡିରେ ଯାତ୍ରା ସମୟରେ ଯତୀନ୍ ସିଲିଗୁଡି ଷ୍ଟେସନରେ ଦେଖିଲେ ଚାରିଜଣ ଗୋରା ସୈନିକ ଝିଅବୋହୂମାନଙ୍କୁ ଅପମାନିତ କରୁଥାନ୍ତି। ଏହି ଘଟଣା ତାଙ୍କ ଦେହରେ ଗଲାନାହିଁ। ପାଣି ପିଇବା ପାଇଁ ଯତୀନ୍ ରେଳଗାଡିରୁ ଓହ୍ଲାଇଲା ବେଳେ ଜଣେ ସୈନିକ ତାଙ୍କୁ ଧକ୍କା ମାରିଦେଲେ। ଯତୀନ୍ ସାଙ୍ଗେ ସାଙ୍ଗେ ଚାରିଜଣ ସୈନିକଙ୍କୁ ଭଲଭାବରେ ମୁଥମାରି ତଳେ ପକାଇଦେଲେ। ସୈନିକମାନେ ଆଉ ସାହସ କଲେ ନାହିଁ ଲଢ଼ିବା ପାଇଁ ଯତୀନ୍‌ଙ୍କ ସହିତ ।ଯତୀନ୍ କ୍ରିଷ୍ଣନଗର ଆଙ୍ଗୋଲ ଭରନାକୁଲାର ସ୍କୁଲରେ ପାଠପଢ଼ା ଶେଷ କରି କଲିକତା ସେ ାଲ କଲେଜରେ ଫାଇନ୍ ଆର୍ଟସ୍ ପାଠ ପଢ଼ିଲେ। ତାଙ୍କର ବିଭାଘର ଇନ୍ଦୁବାଳା ବାନାର୍ଜୀଙ୍କ ସହିତ ହୋଇଥିଲା। ସେ ଚାରୋଟି ସନ୍ତାନର ଜନକ ହୋଇଥିଲେ। ଯତୀନ୍ ବଙ୍ଗଳା ସରକାରଙ୍କ ଅଧୀନରେ ଚାକିରିଟିଏ କରିଥିଲେ। ଏହି ସମୟରେ ବଙ୍ଗଳାରେ ପ୍ଲେଗ୍ ରୋଗ ଦେଖାଦେଲା। ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ଲୋକଙ୍କ ସେବାରେ ଯତୀନ୍ ଲାଗିପଡିଲେ। ଏହି ସେବା ସମୟରେ ଯତୀନ୍, ଅରବିନ୍ଦ ଘୋଷ ପ୍ରଭୃତି କେତେଜଣ ଦେଶଭକ୍ତଙ୍କ ସହିତ ପରିଚିତ ହେଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ ସେ 'ଯୁଗାନ୍ତର' ନାମରେ ଏକ କ୍ରାନ୍ତିକାରୀ ଦଳ ଗଠନ କଲେ। ଏହି ସଙ୍ଗଠନର ଲକ୍ଷ୍ୟ ହେଲା ଦେଶକୁ ସ୍ୱାଧୀନ କରିବା। ଇଂରେଜ ସରକାରଙ୍କୁ ଦେଶରୁ ତଡିବା। ଗୋରା ସରକାର ଅରବିନ୍ଦ ଘୋଷଙ୍କୁ ଗିରଫ କଲେ। ଆଲ୍ଲିପୁର କୋର୍ଟରେ ତାଙ୍କର ବିଚାର ଚାଲିଥାଏ। ଏହି ସମୟରେ ଇଂରେଜ ସରକାରଙ୍କ ଡେପୁଟି ସୁପରିଟେଣ୍ଟ ଓ ସରକାରୀ ଓକିଲଙ୍କୁ ହତ୍ୟା କରାଗଲା। ଏହି ଦୋଷରେ ଯତୀନ୍‌ଙ୍କୁ ସରକାର ଗିରଫ କଲେ। କିଛି ଦିନପରେ ଯତୀନ୍ ଜେଲ୍‌ରୁ ମୁକ୍ତି ଲାଭକଲେ। ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥାଏ। ଏହି ସମୟରେ ଯତୀନ୍ ଦେଶପ୍ରେମୀମାନଙ୍କୁ ଏକଜୁଟ କଲେ। ଚତୁରତାର ସହିତ ଯତୀନ୍ ହାୱଡାରେ ଥିବା ଇଂରେଜମାନଙ୍କର ଅସ୍ତ୍ରଭଣ୍ଡାରରୁ ଅସ୍ତ୍ର ଚୋରାଇ ଆଣିଲେ। ଯତୀନ୍‌ଙ୍କୁ ପୋଲିସ୍ ଧରିବା ପାଇଁ ଚାରିଆଡେ ଜାଲ ବିଛାଇଲା। ତେଣୁ ଯତୀନ୍ ପଞ୍ଜାବ ପଳାଇଲେ। ସେ ବର୍ମା, ସିଙ୍ଗାପୁର, ଜାଭା ଆଦି ବହୁ ସ୍ଥାନରେ ଲୋକମାନଙ୍କୁ ସ୍ୱାଧୀନତା ପାଇଁ ମତାଇଲେ। ଗୋରା ସରକାରଙ୍କ ସହିତ ଲଢ଼ିବା ପାଇଁ ଅସ୍ତ୍ରଶସ୍ତ୍ର ଆବଶ୍ୟକତା ଯୋଗୁ ସେ ଜର୍ମାନ୍ ଓ ଜାପାନ ସହିତ ସମ୍ପର୍କ ରଖିଲେ। ଜର୍ମାନରୁ ଅସ୍ତ୍ର ଆସିବା ଠିକ୍ ହେଲା। ଦେଶଭକ୍ତ ମାନଙ୍କୁ ଏକତ୍ରିତ କରି କାର୍ଯ୍ୟ କରିବା ପାଇଁ 'ହରି ଏଣ୍ଡସନ୍' ଓ ଶ୍ରମଜୀବୀ ସମବାୟ ଅନୁଷ୍ଠାନ ଏବଂ ବାଲେଶ୍ୱରରେ 'ୟୁନିଭର୍ସାଲ୍ ଏମ୍ପୋରିୟମ୍' ନାମକ ଅନୁଷ୍ଠାନ ସ୍ଥାପନ କରାଗଲା। ଜର୍ମାନରୁ ତିନୋଟି ଗୋଳାବାରୁଦ ବୋଝେଇ ଜାହାଜ ଭାରତକୁ ଆସିଲା। ମେଭ୍‌ରିକ୍ ଜାହାଜରୁ ଅସ୍ତ୍ରଶସ୍ତ୍ର ବାଲେଶ୍ୱର ଉପକୂଳରେ ଓହ୍ଲାଇବା ପାଇଁ ଯତୀନ୍ ଦାୟିତ୍ୱ ନେଲେ। ତାଙ୍କ ସହିତ ଯତୀନ୍ଦ୍ର ପାଲ ନରେନ୍ଦ୍ର ଦାସଗୁପ୍ତ, ମନୋରଞ୍ଜନ ସେନଗୁପ୍ତ, ଚି ପ୍ରିୟ ରାୟ କପ୍ତିପଦା ଜଙ୍ଗଲରେ ସନ୍ନ୍ୟାସୀ ବେଶରେ ଲୁଚିକରି ରହିଥିଲେ। ଫ୍ରାନ୍ସ ସରକାର ମେଭ୍‌ରିକ୍ ଜାହାଜର ସନ୍ଧାନ ଇଂରେଜ ସରକାରଙ୍କୁ ଜଣାଇ ଦେବାରୁ ଯତୀନ୍‌ଙ୍କର ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା। ମେଭ୍‌ରିକ୍ ଜାହାଜ ଉପରେ ଇଂରେଜମାନଙ୍କର ଚାରୋଟି ଜାହାଜ ଚଢ଼ଉ କରିଦେଲେ। ସାଙ୍ଗରେ ଆଣିଥିବା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସେମାନେ ସମୁଦ୍ରରେ ଫୋପାଡିଦେଇ ଚାଲିଗଲେ ।ଇଂରେଜ ସରକାର ଆନ୍ଦୋଳନକାରୀ ମାନଙ୍କର ଆନ୍ଦେଳନକୁ ଦମନ କରିବାକୁ ସବୁପ୍ରକାର ପନ୍ଥା ଅବଲମ୍ବନ କରୁଥାଆନ୍ତି। ସେମାନେ ଖବର ପାଇଲେ ଯେ କିଛି ଆନ୍ଦୋଳନକାରୀ ସନ୍ନ୍ୟସୀ ବେଶରେ କପ୍ତିପଦା ଜଙ୍ଗଲରେ ରହୁଛନ୍ତି। ସେମାନେ କାଳବିଳମ୍ବ ନକରି କପ୍ତିପଦା ଜଙ୍ଗଲକୁ ଚାରିପଟୁ ଘେରିଗଲେ। ଯତୀନ୍ ଓ ତାଙ୍କର ସାଥିମାନେ କୌଶଳରେ ଜଙ୍ଗଲରୁ ପଳାଇ ଯାଇ ରେଳଗାଡି ଯୋଗେ ଦୂରକୁ ପଳାଇଗଲେ। ବିପଦର ସୂଚନା ପାଇଁ ଯତୀନ୍ ଓ ତାଙ୍କର ସାଥିମାନେ ଚଳନ୍ତା ରେଳଗାଡିରୁ ଡେଇଁପଡିଲେ। ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା ଚଷାଖଣ୍ଡ ଗାଁ ନିକଟରେ ଦୁଇଜଣ ଇଂରେଜ ଗୋଲାମ ସୁଦାମ ଗିରି ଓ ରାଜୁ ମହାନ୍ତି ଯତୀନ୍‌ଙ୍କୁ ଚିହ୍ନିପାରି ଇଂରେଜମାନଙ୍କୁ ଖବର ଦେଇଦେଲେ। କାଳ ବିଳମ୍ବ ନକରି ଇଂରେଜ ସରକାର ଚଷାଖଣ୍ଡ ଗାଁ ନିକଟ ଜଙ୍ଗଲକୁ ଘେରିଗଲେ। ଉଭୟଙ୍କ ମଧ୍ୟରେ ଚାଲିଲା ଘାମାଘୋଟ ଲଢ଼େଇ। ଯତୀନ୍ ଗୁଳିର ଜବାବ ଗୁଳିରେ ଦେଲେ। ଯତୀନ୍ ଓ ତାଙ୍କ ସାଙ୍ଗମାନଙ୍କ ଗୁଳିମାଡରେ ଇଂରେଜ ସୈନ୍ୟମାନେ ଛିନ୍‌ଛତ୍ର ହୋଇଗଲେ। ଇଂରେଜ ସୈନିକଙ୍କ ଗୁଳିରେ ଚି ପ୍ରିୟ ଟଳିପଡିଲେ। ଯତୀନ୍ ଗୁଳିମାଡରେ ମୂର୍ଚ୍ଛା ହୋଇଗଲେ। ଇଂରେଜ ସୈନ୍ୟମାନେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଗଲେ। ଅତ୍ୟାଧିକ ରକ୍ତସ୍ରାବ ଯୋଗୁ ଯତୀନ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା। ସେ ପାଣି ପାଣି ବୋଲି ଚିତ୍କାର କଲେ। ଟେଗାର୍ଟ ସାହେବ ତାଙ୍କୁ ପାଣି ଦେବାରୁ ସେ ପାଣି ଫେରାଇ ଦେଇ କହିଲେ ଟେଗାର୍ଟ ସାହେବ ପାଣି ବଦଳରେ ତୁମେ କଣ ମୋ ଦେଶକୁ ଛାଡି ଚାଲିଯାଇପାରିବ। ମୋ ଦେଶବାସୀଙ୍କୁ ସ୍ୱାଧୀନତା ଫେରାଇ ଦେଇପାରିବ। ଟେଗାର୍ଟ ସାହେବ ଯତୀନ୍‌ଙ୍କର ଏଭଳି ଦେଶଭକ୍ତି ଦେଖି ନିରବ ରହିଲେ। ଶେଷରେ ୧୯୧୫ ମସିହା ସେପ୍ଟେମ୍ବର ମାସ ୧୦ ତାରିଖରେ ବିପ୍ଳବୀ ବାଘାଯତୀନ୍ ଭାରତମାତାଙ୍କୁ ପ୍ରଣାମ କରି ଶେଷ ନିଶ୍ୱାସ ତ୍ୟାଗକରି ସବୁଦିନ ପାଇଁ ଆଖି ବୁଜିଦେଲେ। ହେଲେ ଆଜି ବି ସେହି ମହାନ ବିପ୍ଳବୀଙ୍କର ବାଣୀ ଆମମାନଙ୍କ ହୃଦୟରେ ଗୁଞ୍ଜରିତ ହେଉଛି।



ଅକ୍ଷୟ କୁମାର ରାଉତ

ପାରାଦ୍ୱୀଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ.- ୯୯୩୭୬୯୧୪୭୫




# ପର୍ଯ୍ୟଟକ ଆକର୍ଷଣ ପାଇଁ ପାରାଦୀପରେ ବଣଭୋଜି ସ୍ଥଳରେ ପଲିଥିନ ମୁକ୍ତ ଅଭିଯାନ




ପାରାଦୀପ,(ପି.ଏନ):ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପର୍ଯ୍ୟଟକ ଙ୍କ ଆକର୍ଷଣ ପାଇଁ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ପଲିଥିନ ମୁକ୍ତ ଅଭିଯାନ ଘୋଷଣା କରାଯାଇଛି କ୍ଷ ଏହି ପରିପ୍ରେକ୍ଷୀରେ ପରିବେଶ ସୁରକ୍ଷା, ସହରର ସ୍ୱଚ୍ଛତା, ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ଆନ୍ତର୍ଯ୍ୟାତିକ ବନ୍ଦର ସହର ପାରାଦୀପ କୁ ଅଧିକ ସ୍ୱଚ୍ଛ ଓ ସୌନ୍ଦର୍ଯ୍ୟକରଣ ପାଇଁ ପାରାଦୀପ ପୌରପାଳିକା ନିରବଛିନ୍ନ ଭାବେ ପ୍ରୟାସ ଜାରି ରଖିଛି କ୍ଷ ତେବେ ପାରାଦୀପରେ ନେହେରୁ ବଙ୍ଗଳା ସ୍ଥିତ ମନ୍ନଦ ଉଦ୍ୟାନ ବଣଭୋଜି ସ୍ଥଳ, ବେଳାଭୂମି, ଗଲ୍ଫ ପଡିଆ ଇତ୍ୟାଦି ସାମୁହିକ ବଣଭୋଜି ଅଞ୍ଚଳକୁ ପଲିଥିନ ମୁକ୍ତ କରିବା ପାଇଁ ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି କ୍ଷ ଏସମ୍ପର୍କରେ ପୌରପାଳିକା ପ୍ରଶାସନିକ ଭବନର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ଛବିଲତା ରାଉତ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ ସାହା, ପୌର ଯନ୍ତ୍ରୀ ଯୁଧିଷ୍ଠିର ପଟେଲ ଉପସ୍ଥିତ ରହି ବିଶେଷ ସୂଚନା ପ୍ରଦାନ କରିଥିଲେ କ୍ଷ ତେବେ ମନ୍ନଦ ଉଦ୍ୟାନ ରେ ନୂତନ ବର୍ଷରେ ବଣଭୋଜି ପାଇଁ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସ୍ମାର୍ଟ ଟଏଲେଟ ସହ ଅତିରିକ୍ତ ୪ ଟି ଶୌଚାଳୟ,ଜଳକଷ୍ଟ ନିବାରଣ ପାଇଁ ନଳକୂପ ବ୍ୟବସ୍ଥା କରାଯାଇଛି କ୍ଷ ସେହିପରି ପାର୍କରେ ବଣଭୋଜି ପାଇଁ ପିଣ୍ଡି ସଂରକ୍ଷଣ ପାଇଁ ୩୦୦ ଟଙ୍କା, ପଡିଆ ପାଇଁ ୨୦୦ ଏବଂ ବସ ପାର୍କିଙ୍ଗ ପାଇଁ ୧୦୦, କାର ପିଛା ୫୦,ତିନିଚ଼କିଆ ଯାନ ପାଇଁ ୩୦ ଓ ବାଇକ ପାଇଁ ୧୦ ଟଙ୍କା ଭଡା ଧାର୍ଯ୍ୟ କରାଯାଇଛି କ୍ଷ ତେବେ ଏହି ବ୍ୟବସ୍ଥା ଏଏଲଏଫ ଗ୍ରୁପ ଦ୍ୱାରା କରାଯିବ କ୍ଷ ତେବେ ପାରାଦୀପ କୁ ନୂଆବର୍ଷ ଅବସରରେ ବଣଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକ ଓ ଆଗନ୍ତୁକ ମାନଙ୍କୁ ପଲିଥିନ ଜାତୀୟ ଦ୍ରବ୍ୟ ବ୍ୟବହାର ନକରିବାକୁ ପୌରପାଳିକା ପକ୍ଷରୁ ଅନୁରୋଧ କରାଯାଇଛି କ୍ଷ ଏହାର ବ୍ୟତିକ୍ରମ ହେଲେ ବନ୍ଦର ପ୍ରଶାସନ, ପୌର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଏହି ସାମ୍ବାଦିକ ସମ୍ମିଳନୀ ରେ ଜନସାଧାରଣ ଙ୍କ ଉଦ୍ଦେଶ୍ୟରେ ସୂଚନା ଦିଆଯାଇଥିଲା କ୍ଷ ପାରାଦୀପ ପୌରପାଳିକା ଦ୍ୱାରା ରାଜ୍ୟରେ ପ୍ରଥମେ ଏପରି ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡିଛି ।

# ଜାତୀୟ ଉପଭୋକ୍ତା ଦିବସ ଉପଲକ୍ଷେ ପାରାଦୀପରେ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ଆସନ୍ତା ଡିସେମ୍ବର ୨୪ ତାରିଖ ରେ ଜାତୀୟ ଉପଭୋକ୍ତା ଦିବସ ଉପଲକ୍ଷେ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ, ଜଗତସିଂହପୁର ଜିଲ୍ଲା ମହିଳା ଶାଖା ପକ୍ଷରୁ ପାରାଦୀପ ମଧୁବନ ସ୍ଥିତ ଶ୍ରମିକ ଭବନ ଠାରେ ମଙ୍ଗଳବାର ଅପରାହ୍ନରେ ଏକ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାହକ କଲ୍ୟାଣ ଜଗତସିଂହପୁର ଜିଲ୍ଲା ମହିଳା ଶାଖାର ସଭାନେତ୍ରୀ ସ୍ନେହମୟୀ ଆଚାର୍ଯ୍ୟ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କଂଜୁମର ଫୋରମ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ପ୍ରଭାତ କୁମାର ପାଢ଼ୀ,ଜିଲ୍ଲା ମାପ, ବୈଧ, ଓଜନ ଅଧିକାରୀ ରଞ୍ଜନ କୁମାର ଜେନା, ଭାରତୀୟ ମାନକ ବ୍ୟୁରୋ ର ସ୍ୱପ୍ନିଳ ପ୍ରତାପ,ସଂଜୀବ କୁମାର ନାୟକ, ପାରାଦୀପ ଉପ ପୌରାଧକ୍ଷା ଛବିଲତା ରାଉତ, ସତ୍ୟ ସାଇ ସେବା ସଂଗଠନର ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଅଖିଳ ଭାରତୀୟ ଗ୍ରାହକ ପରିଷଦର ରାଜ୍ୟ ସମ୍ପାଦକ ଡ଼ଃ. ସୁନାକାର ବେହେରା, ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ସଭ୍ୟ ଦେବେନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ ଆଇନଜୀବୀ ତଥା ସରକାରୀ ଓକିଲ ସୁରେଶ ଚ଼ନ୍ଦ୍ର ଦାସ ଓ ଦେବାଶିଷ କଣ୍ଠ, ନିଶାମୁକ୍ତି ଅଭିଯାନର ପୁରୋଧା ଗତିକୃଷ୍ଣ ଶତପଥୀ, ସମାଜସେବୀ ଇଂ. ଗଗନ ବିହାରୀ ପୃଷ୍ଟି, ଅଖିଳ ଭାରତୀୟ ଗ୍ରାହକ ପରିଷଦ ମହିଳା ଶାଖାର ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଖାଦ୍ୟ ଅପମିଶ୍ରଣ, ଲାଭଖୋର ବ୍ୟବସାୟୀ ମାନଙ୍କ ଦ୍ୱାରା ଖାଉଟି ମାନଙ୍କୁ ଠକାମୀ ଇତ୍ୟାଦି ଉପରେ ସମବେତ ଶ୍ରୋତା ଙ୍କୁ ସଚେତନ କରିଥିଲେ । ଆଗାମୀ ଦିନରେ ପାରାଦୀପରେ ଏଭଳି ଅସାଧୁ ବ୍ୟବସାୟୀ ମାନଙ୍କ ଉପରେ ପ୍ରଶାସନ ସହଯୋଗରେ ଗ୍ରାହକ କଲ୍ୟାଣ ପରିଷଦ ଦ୍ୱାରା ଚ଼ଢ଼ାଉ ଅଭିଯାନ ଆରମ୍ଭ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମ କୁ ବ୍ୟାସ ଫାଉଣ୍ଡେସନ ର ସଭାପତି ଡ଼ଃ ପଣ୍ଡିତ ସିଦ୍ଧ ?ଶ୍ୱର ପଣ୍ଡା ପରିଚ଼ାଳନା କରିଥିବା ବେଳେ କୋଷାଧକ୍ଷ ଯଶୋବନ୍ତ ରାଉତ ଏଥିରେ ସହଯୋଗ କରିଥିଲେ । ପରିଶେଷରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ସଭ୍ୟ ସରୋଜକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧଣ୍ଡାମୁଣ୍ଡା ରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସଚେତନତା ସଭା ଓ ଶୋଭାଯାତ୍ରା

ଖପ୍ରାଖୋଲ (ପିଏନ): ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଛାତ୍ର ଙ୍କ ଦ୍ୱାରା ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ସଚେତନତା ସଭା ଓ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପ୍ଲାଇକାର୍ଡ ଓ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ବିଦ୍ୟାଳୟ ର ଅଧକ୍ଷ ଭୁବନେଶ୍ୱର ପୁରୋହିତ ଙ୍କ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗଦେଇ ସୁସ୍ଥ ପରିବେଶ ପାଇଁ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ କହିବା ସହ ପ୍ଲାଷ୍ଟିକ ର ଅପକାରିତା ଉପରେ ଆଲୋକପାତ ପାତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ରୂପେ ଇଂରାଜୀ ଅଧାପକ ନବୀନ କୁମାର ବାରିକ, ଓଡ଼ିଆ ଅଧାପକ ରବୀନ୍ଦ୍ର ବାରିକ, ମୁରଲୀ ମେହେର, ଶଙ୍କର୍ଷଣ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଶୋଭନ ମୟ ମିଶ୍ର ସମେତ ଏମ୍ ବି କେ, ସି ଆର୍ ପି ଓ, ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।

# ପିସିସି କିଷାନ କଂଗ୍ରେସ ପକ୍ଷରୁ ଡିସେମ୍ବର ୧୩ ରୁ ଜାନୁଆରୀ ୧୩ ମଣ୍ଡିଚାଲ ଅଭିଯାନ

ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରର ତୃଟିପୂର୍ଣ୍ଣ ଧାନକିଣା ନୀତିର ପ୍ରତିବାଦ, କୃଷକ ମାରଣ ନୀତି ବିରୁଦ୍ଧରେ ୭ ଦଫା ଦାବି ପୂରଣ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଥମ ପର୍ଯ୍ୟାୟରେ ଚଳିତ ଡିସେମ୍ବର ୧୩ ତାରିଖ ଠାରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଏକମାସ ବ୍ୟାପୀ ମଣ୍ଡିଚାଲ ଅଭିଯାନ ଆହ୍ୱାନ ଦିଆଯାଇଛି। ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି ଯେ, ଉଭୟ ବିପେପି ଓ ବିଜେଡ଼ି ସରକାରର ଶାସନକାଳରେ ଚାଷୀ ସବୁଠାରୁ କ୍ଷତିଗ୍ରସ୍ତ, ଚାଷ ବିପର୍ଯ୍ୟସ୍ତ। ଚାଷୀ ତା'ର ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଉନାହିଁ। ୩୫ ପ୍ରତିଶତ ଜଳସେଚନ କେବଳ ଧୂଆଁବାଣ। ଧାନର ଏମ.ଏସ.ପି.ଆଜି ପର୍ଯ୍ୟନ୍ତ ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ କି ଏମ.ଏସ.ପି.କୁ ଆଇନଗତ ଗ୍ୟାରେ ି ମିଳିଲା ନାହିଁ। ଚାଷୀ ବାଧ ହୋଇ ୧୨ଶହ ୧୩ଶହ ଟଙ୍କାରେ ଅଭାବି ବିକ୍ରିର ଶିକାର ହେଉଛି। ଗତ ଲଘୁଚାପ ଜନିତ ବର୍ଷାଦ୍ୱାରା ବହୁ ଚାଷୀଙ୍କର ବହୁଳ ଭାବରେ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ତେଣୁ କାଳ ବିଳମ୍ବ ନକରି କେନ୍ଦ୍ର ସରକାର ତୁରନ୍ତ ଧାନ କ୍ୱି ।ଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ୍.ପି.କୁ ଆଇନଗତ ଗ୍ୟାରେ ି, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଧାନ କ୍ୱି ।ଲରେ ଚାଷୀଙ୍କୁ ୬୦୦ଟଙ୍କା ବୋନସ୍, କଟ୍‌ନୀ ଛଟ୍‌ନୀ ସମ୍ପୂର୍ଣ୍ଣ ବନ୍ଦ, ଲଘୁଚାପ ଜନିତ ବର୍ଷାଦ୍ୱାରା ରଙ୍ଗ ବିହୀନ ହୋଇଥିବା ସବୁଧାନକୁ କ୍ରୟ, ପ୍ରତି ମଣ୍ଡିରେ ସିସି କ୍ୟାମେରା ସଂଯୋଗ ଓ ଧାନ ଉଠାଇବା ବ୍ୟତୀତ ମିଲରକୁ ମଣ୍ଡି ନିଷେଧ, ପ୍ରଚଳିତ କୃଷି ଇନପୁଟ୍ ସବସିଡ୍‌ର ଦେଢ଼ଗୁଣା ବୃଦ୍ଧି ଓ ରିଲିଫ୍ କୋର୍ଡର ସଂଶୋଧନ, ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୫ ହଜାର ଟଙ୍କା କ୍ଷତି ପୂରଣ ସହାୟତା ଓ ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷିରଣ ଛାଡ଼ ଓ ଭାଗଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଓ ଆଇନଗତ ମାନ୍ୟତା ଆଦି୭ ଦଫା ଦାବୀ ପୂରଣ କରିବା ପାଇଁ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଡିସେମ୍ବର ୧୩ ରୁ ଜାନୁଆରୀ ୧୩ ପର୍ଯ୍ୟନ୍ତ କିଷାନ କଂଗ୍ରେସ ପକ୍ଷରୁ ମଣ୍ଡିଚାଲ ଅଭିଯାନ ଯୋରଦାର କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ପ୍ରତିବାଦ କରିବା ସହ ସରକାର ଚାଷୀଙ୍କ ହକ୍ ପୂରଣ ନ କଲେ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Wednesday December 13, 2023 ଭୁବନେଶ୍ୱର ବୁଧବାର, ଡିସେମ୍ବର ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ପୁରୀ ଜିଲ୍ଲା ସ୍ତରୀୟ ନୂଆ ଓଡିଶା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପୁରୀ ,(ପି.ଏନ): ପୁରୀ ଜିଲ୍ଲା ସ୍ତରୀୟ ନୂଆ ଓଡିଶା ଉତ୍ସବ ତାଳବଣିଆ ସ୍ଥିତ ସ୍ୱ ?ର୍ଟ୍ସ କମ୍ପ୍ଲେକ୍ସ ରେ ଅନୁଷ୍ଠିତ ହେବ ।ସରକାରଙ୍କ ପରାମର୍ଶ ଆଧାର ରେ ଏହା ଜାନୁଆରୀ ମାସରେ ଅନୁଷ୍ଠିତ ହେବ ।ଏହାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏହା ଏକ ନୂଆ ଯୋଜନା ହୋଇ ଥିବାରୁ ଓ ଏଥିରେ ଯୁବ ବର୍ଗ ମାନଙ୍କୁ ନେଇ ଆୟୋଜିତ ହେବାକୁ ଥିବାରୁ ସରକାରଙ୍କ ମାର୍ଗଦର୍ଶିକା ଆଧାର ରେ ପରିଚ୍ଳାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ ।କାର୍ଯ୍ୟକ୍ରମ ପାଇଁ ଟେଣ୍ଡ ଦାୟିତ୍ୱ ରେ ଥିବା ସଂସ୍ଥା ଏହାକୁ ମଜବୁତ ଭାବେ ନିର୍ମାଣ ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା, ଅଂଶଗ୍ରହଣ କାରୀ ଙ୍କୁ ସେମାନଙ୍କ ଅଧକ୍ଷ ଙ୍କ ମାଧ୍ୟମରେ ସୂଚ଼ନା ଦେବା, ସେମାନ ଙ୍କୁ ପରିଚ଼ୟ ପତ୍ର ଦେବା, ଯାତାୟତ ସୁବିଧା, ପାନୀୟ ଜଳ ବ୍ୟବସ୍ଥା, ଶୌଚ଼ାଳୟ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଚ଼ିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗ କୁ ପରାମର୍ଶ ଦିଆଯାଇଥିଲା ।ଏହି କାର୍ଯ୍ୟର ସୁ ପରିଚ଼ାଳନା ପାଇଁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚ଼ନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ ।ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ଚ଼ନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ସହ ବିବିଧ ସୂଚ଼ନା ପ୍ରଦାନ କରିଥିଲେ ।

## ନୂତନ ପେଟ୍ରୋଲ ପଂପ୍ ଉଦ୍‌ଘାଟିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାରୋଇ ମୌଜା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥରେ ଆଜି ନାୟାର ଏଜେନ୍‌ସିର ଭୁବନେଶ୍ୱରୀ ଫ୍ୟୁଏଲ୍‌ସ ନୂଆ ପେଟ୍ରୋଲ ପଂପ୍ ଆଜି ଉଦଘାଟିତ ହୋଇଯାଇଛି । ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତ୍ରରାୟ ଯୋଗଦେଇଥିଲେ । ପେଟ୍ରୋଲ ପଂପ୍‌ର ମୁଖ୍ୟ ପରିଚାଳକ ଶରତ ଚନ୍ଦ୍ର ନାୟକ ସ୍ୱାଗତ ଜଣାଇଥିଲେ। ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ଗ୍ରାମ ପଞ୍ଚାୟତର ସରପଂଚ, ସମିତିସଭ୍ୟ, ବିଶିଷ୍ଟ ବ୍ୟବସାୟୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ



ପୁରୀ,(ପି.ଏନ):କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସେଥିପାଇଁ ସରକାର ବଜେଟରେ ସର୍ବାଧିକ ଆର୍ଥିକ ବ୍ୟବସ୍ଥା କୃଷି ପାଇଁ କରିଛନ୍ତି ।ଏହାର ଭରପୁର ସୁବିଧା କୃଷକ ବନ୍ଧୁ ମାନଙ୍କ ନିକଟରେ ପହଞ୍ଚାଇବା କୁ କୃଷି ବିଭାଗ ର ଅଧିକାରୀ ଓ କର୍ମଚ଼ାରୀ ଯତ୍ନବାନ ହେବାକୁ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ପରାମର୍ଶ ଦେଇଛନ୍ତି। ଆଜି ଅପରାହ୍ନ ରେ ଶରଧାବାଲି ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ୫ ଦିନିଆ ପୁରୀ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ବେହେରା ଆମ ରାଜ୍ୟ ଲଗାତାର କୃଷି କର୍ମଣ ପୁରସ୍କାର ପାଇ ଚ଼ାଲିଛି ।ଏହା ଚ଼ାଷୀ ଭାଇ ଭଉଣୀ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗ ଓ କୃଷକ ମାନଙ୍କ ଉଦ୍ୟମ ର ଫଳ ।ଯନ୍ତ୍ରପାତି ପାଇଁ ରିହାତି ଦିଆଯାଉଛି ।ତେବେ ଏହାର ଉପଯୋଗ ପାଇଁ କୃଷି ଅଧିକାରୀ ମାନେ କୃଷକ ମାନଙ୍କୁ ପ୍ରଶିକ୍ଷିତ ଦେଇ ସକ୍ଷମ କରିବାକୁ ପରାମର୍ଶ ଦେଇଥିଲେ ।ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ମେସିନ ମାଧ୍ୟମରେ ଚ଼ାଷ ପ୍ରଣାଳୀ କୃଷି କୁ ଏକ ନୂତନ ଦିଶା ଦେଉଛି ।ଏଥି ପ୍ରତି କୃଷକ ମାନଙ୍କୁ ଆକୃଷ୍ଟ କରିବା ସହ ଏହାର ଉପଯୋଗ ସମ୍ପର୍କରେ ସଚେତନ କରିବାକୁ ଅନୁରୋଧ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଆମ ଦେଶ ଓ ରାଜ୍ୟ କୃଷି ପ୍ରଧାନ ଅଞ୍ଚଳ ଭାବେ ପରିଚ଼ିତ। କୃଷି ଓ କୃଷକ କୁ ସହାୟତା ପାଇଁ ସରକାର ବିବିଧ ଯୋଜନା କରିଛନ୍ତି ।ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ଚ଼ାଷ ଯୋଗୁ କୃଷି ରେ ଅଭିବୃଦ୍ଧି ଘଟିଛି ଓ ଉତ୍ପାଦନ ବୃଦ୍ଧି ପାଇବା ଶୁଭ ସଂକେତ ।ଏହାକୁ ଆହୁରି ଅଧିକ ଅଗ୍ରଗତି ଆମ ସମସ୍ତ ଙ୍କ ଉଦ୍ୟମ ରେ ସମ୍ଭବ ହୋଇ ପାରିବ ବୋଲି କହିଥିଲେ ।କୃଷି ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ରାଉତ,ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପରିଡା ପାରମ୍ପରିକ ଚ଼ାଷ ପଦ୍ଧତି ଓ ଯନ୍ତ୍ରପାତି ପରିବର୍ତ୍ତ ? ବୈଜ୍ଞାନିକ କୃଷି ପ୍ରଣାଳୀ ଓ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଚ଼ାଷ ସହଜ ହେବା ସହ କୃଷି ଶ୍ରମିକ ଅଭାବ କୁ ପୂରଣ କରାଯାଇ ପାରୁଛି ବୋଲି କହିଥିଲେ। ଏହି ମେଳାରେ କୃଷକ ମାନଙ୍କୁ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ର ପ୍ରଦର୍ଶନ, ତାହାର ଉପଯୋଗ ଓ ଆଗ୍ରହୀ କୃଷକ ମାନଙ୍କୁ ବିକ୍ରୟର ବ୍ୟବସ୍ଥା କରାଯାଇଛି । ମେଳାରେ ପ୍ରାୟ ୪୫ ଟି ଷ୍ଟଲ ହେବା ସହ କୃଷକ ମାନଙ୍କ ସହ ଆଲୋଚ଼ନା ଚ଼କ୍ର, ସେମାନଙ୍କ ସମସ୍ୟା, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଆଲୋଚ଼ନା କରାଯିବା ବ୍ୟବସ୍ଥା କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋଜ କୁମାର ମହାନ୍ତି ଏଥିରେ ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିବା ସହ ଯନ୍ତ୍ରପାତି ଉପଯୋଗ ଦ୍ୱାରା ସମୟ ଓ ଅର୍ଥ ସଞ୍ଚୟ ର ସଚେତନତା ସମସ୍ତ କୃଷକ ବନ୍ଧୁ ମାନଙ୍କ ନିକଟରେ ପହଞ୍ଚାଇବା ଏହି ମେଳାର ପ୍ରକୃତ ଉଦ୍ଦେଶ୍ୟ ବୋଲି କହିଥିଲେ।

## ରାଜନୈତିକ ପଶାପାଳିରେ ଲିଙ୍ଗିପୁର ଗ୍ରାମ ପଞ୍ଚାୟତ



ଭୁବନେଶ୍ୱର, (ପି.ଏନ): ସାରା ରାଜ୍ୟରେ ବିକାଶର ମହାପର୍ବ ଚ଼ଳିଛି ହେଲେ ଭୁବନେଶ୍ୱର ଉପକଣ୍ଠରେ ଥିବା ଲିଙ୍ଗିପୁର ପଞ୍ଚାୟତକୁ ଅଣଦେଖା କାହିଁକି ? ସ୍ୱାଧୀନତାର ୭୫ ବର୍ଷପରେ ବି ଲିଙ୍ଗିପୁର ପଞ୍ଚାୟତ ବିଏମ୍‌ସିରେ ମିଶିବା ସାତ ସପନ ହୋଇପଡିଛି। ଲିଙ୍ଗିପୁର ପଞ୍ଚାୟତ ଅଧିନରେ ରେଭିନିୟୁ ମାନ୍ୟତା ଭାବେ ଲିଙ୍ଗିପୁର ଓ ରଘୁନାଥପୁର ଆସୁଛି। ଏହି ପଞ୍ଚାୟତଟି ଜାତୀୟ ରାଜପଥ ୨୦୩ କଡରେ ଅବସ୍ଥିତ। ଭୁବନେଶ୍ୱର ଓ ପୁରୀ ଜାତୀୟ ରାଜପଥ କଡରେ ଏହି ଗ୍ରାମ ଗୁଡିକ ଅବସ୍ଥିତ ସେଗୁଡିକ ହେଲା ବିଜୟ ବିହାର ଗାଙ୍ଗୋତ୍ରୀ ନଗର, ଇନ୍ଦିରା କଲୋନି, ନାଥପୁର, ସନ୍ଥ ବିହାର, ଶ୍ରେଷାଦ୍ରୀନଗର, ବାସୁଦେବନଗର, ଜୟକୃଷ୍ଣ ନଗର, ଫେଜ ୧ ଓ ୨, ମୃତ୍ୟୁଞ୍ଜୟ ବିହାର ସୁଭଦ୍ରା ବିହାର, ଜଗନ୍ନାଥ ବିହାର, ଶ୍ରୀ ଜଗନ୍ନାଥ ବିହାର, ନନ୍ଦନ ବିହାର ଓ କଳିଙ୍ଗବିହାର ଇତ୍ୟାଦି। ଲିଙ୍ଗିପୁର ପଞ୍ଚାୟତଟିରେ ସମୁଦାୟ ଲୋକସଂଖ୍ୟା ୨୦୦୦୦(କୋଡିଏ ହଜାର)ରୁ ଉର୍ଦ୍ଧ୍ୱ ହେବ। ଏହି ପଞ୍ଚାୟତ ଏକାମ୍ର ନିର୍ବାଚନ ମଣ୍ଡଳୀ ଅଧିନରେ ଆସୁଛି ଏହି ପଞ୍ଚାୟତଟିକୁ ବିଏମ୍‌ସିରେ ମିଶ୍ରିତ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୦୧୯ ମସିହାରେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ ମିଶେଇବା ପାଇଁ। ବ ର୍ତ୍ତମାନ ଏକାମ୍ର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ତଥା ମନ୍ତ୍ରୀ ମଧ ବିଏମ୍‌ସି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ବିଏମସିରେ ମିଶାଇବା ପାଇଁ। ଲିଙ୍ଗିପୁର ଗ୍ରାମ ପଞ୍ଚାୟତରେ ହୋଇଥିବା ସଭା ୨୭.୦୮.୨୦୧୯ ପ୍ରସ୍ତାବ ଆଧାରରେ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଡିଓଙ୍କୁ ସଭାର ବିବରଣୀ ସହ ଏକ ପତ୍ର ସଂଖ୍ୟା ୫୧, ତା. ୬.୩.୨୦୨୦ରେ ପତ୍ର ପ୍ରେରଣ କରିଥିଲେ ଓ ଏହାର ଏକକିତା ନକଲ ମାନ୍ୟବର ବିଧାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦିଆଯାଇଥିଲା ବୋଲି ତତ୍‌କାଳ ସରପଞ୍ଚ(ଲିଙ୍ଗିପୁର) କହିଛନ୍ତି, କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ଏହା ଦ୍ୱାରା ଲିଙ୍ଗିପୁର ଗ୍ରାମପଞ୍ଚାୟତ ଅଧିନରେ ଥିବା ବାସିନ୍ଦାମାନେ ଅବହେଳାର ଶିକାର ହୋଇଆସୁଅଛନ୍ତି। ବିଏମ୍‌ସିର ସାବତପୁଅ ମନୋଭାବ କାରଣରୁ, ମୁନିସିପାଲଟି ହୋଇପାରିନି। ଶାସକ ଦଳର ଅନୁଗାମୀ ଓ ସମର୍ଥକ ହେବା ସତ୍ତ୍ୱେ ଜାଣିଶୁଣି ବଞ୍ଚିତ କରାଯାଉଛି। ଏକ ଅସମର୍ଥିତ ସୂତ୍ରରୁ ଜଣାପଡିଛି ଯେ ବ ର୍ତ୍ତମାନ ବିଏମ୍‌ସି କେତେଗୁଡିଏ, ନୂତନ ୱାର୍ଡ ଗଠନ କରୁଅଛି। ସେଥିରେ ଲିଙ୍ଗିପୁର ଗ୍ରାମପଞ୍ଚାୟତ ନା ନାହିଁ ଯାହା ଅନୁସନ୍ଧାନ ସାପେକ୍ଷ। ୫ଟି ଯୁଗରେ ଲିଙ୍ଗିପୁର ପଞ୍ଚାୟତ ଭୁବନେଶ୍ୱର ଉପକଣ୍ଠରେ ଥାଇ ମଧ୍ୟ ହତାସ ଅବସ୍ଥାରେ ଅଛି ବୋଲି ଏଠାକାର କିଛି ଲୋକପ୍ରତିନିଧି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଅସନ୍ତୋଷ ଆଗାମୀ ଦିନରେ ଉଗ୍ରରୂପ ନେଇପାରେ ବୋଲି ଆଲୋଚନା ଚାଲିଛି ଏହା ଆଗାମୀ ଦିନରେ ବିଏମ୍‌ସି ନହେଲେ ଆନ୍ଦୋଳନ ହେବ ବୋଲି ଶୁଣିବାକୁ ମିଳୁଛି। ବିଏମସି ହେବାକୁ ହେଲେ ଯେଉଁ ସବୁ ସର୍ତ୍ତ ଅଛି ସବୁ ପୂରଣ କରୁଥିବାବେଳେ କାହିଁକି ଅବହେଳିତ ? ଏ ସମ୍ବନ୍ଧରେ ମାନ୍ୟବର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ସେ ପୂର୍ବଭଳି ପ୍ରତିଶ୍ରୁତି ଦେବାରେ ଅବହେଳା କରୁନାହାନ୍ତି । ସମୟ କହିବ, ବିଏମ୍‌ସି ଅଧିକାରୀ କେବେ ଲିଙ୍ଗିପୁର ଗ୍ରାମପଞ୍ଚାୟତକୁ ବିଏମ୍‌ସିରେ ମିଶାଉଅଛନ୍ତି ଓ ମାନ୍ୟବର ବିଧାୟକ କି ପଦକ୍ଷେପ ନେଇ ମିଶାଉଛନ୍ତି ବିଏମ୍‌ସିରେ। ଯଦି ତୁରନ୍ତ ଏକାମ୍ର ବିଧାୟକ ବିଏମ୍‌ସି ମେୟରଙ୍କୁ ତାଙ୍କ ସୁପାରିଶ ନପଠାନ୍ତି ସବୁଦିନ ପାଇଁ ଲିଙ୍ଗିପୁର ଗ୍ରାମପଞ୍ଚାୟତ ଅବହେଳିତ ଅବସ୍ଥାରେ ରହିଯିବ ବୋଲି ଜନସାଧାରଣରେ ଆଲୋଚନା ହେଉଛି ଓ ଏ ସମ୍ପର୍କରେ ଜନପ୍ରତିନିଧି ମନୋରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଏହି ଘଟଣା ସତ୍ୟ ଅଟେ। ଯଦି ଆମ ଦୁଃଖ ବୁଝାନଯାଏ ଆମେ ଆଇନର ଆଶ୍ରୟ ନେବାକୁ ପଛଘୁଞ୍ଚା ଦେବୁ ନାହିଁ। ଏହି ସମ୍ପର୍କରେ ଲିଙ୍ଗିପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ସମସ୍ତ ନେତୃମଣ୍ଡଳୀ ଏକ ହୋଇ ଆଗାମୀ ଦିନରେ ସରକାରଙ୍କୁ ଏହାର ଉଚିତ ଯବାବ ଦେବେ ବୋଲି ଆଲୋଚନା ଯୋର ଧରିଛି। ତେଣୁ ସମସ୍ତେ ଆଶାବାଦୀ ନିଶ୍ଚିତ ଭାବେ ବିଧାୟକ ମହୋଦୟ ଏ ସମସ୍ତ ଘଟଣାକୁ ବିଚାରକୁ ନେଇ ଲିଙ୍ଗିପୁର ଗ୍ରାମପଞ୍ଚାୟତକୁ ବିଏମ୍‌ସିରେ ମିଶ୍ରଣ କରାଇବେ।

## କୁକୁଡ଼ାଖଣ୍ଡି ଉଚ୍ଚ ବିଦ୍ୟାଳୟରେ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ



କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚ଼ନ୍ଦ୍ର),(ପି.ଏନ):-କୁକୁଡାଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ସାମାଜିକ ସେବା ଓ କାର୍ଯ୍ୟକଳାପ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି ।ଜିଲ୍ଲା ପରିଷଦ ସଭ୍ୟା ଶିବାନୀ ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଗଞ୍ଜାମ ଜିଲ୍ଲା ସଂଯୋଯୋଗ ଜି ଗୋବିନ୍ଦ ରାଓ, ସମିତିସଭ୍ୟ ଅଶୋକ ଦାସ, ମହାବିଦ୍ୟାଳୟ ର ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ । ନିସ୍ୱାର୍ଥପର ଭାବ ରଖି ଯୁବଗୋଷ୍ଠି ସାମାଜିକ ସେବା ଦ୍ୱାରା ରାଷ୍ଟ୍ରର ପ୍ରଗତିରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବ ସେ ସମ୍ପର୍କ ରେ ଅବଗତ କରାଇଥିଲେ କ୍ଷ କାର୍ଯ୍ୟକ୍ରମ କୁ ସାମାଜିକ ସେବା କାର୍ଯ୍ୟକ୍ରମ ଅଧିକାରୀ ବିଭୁ ପ୍ରସାଦ ପାତ୍ର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଶିବାନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଭାବଶିଷ ମହାପାତ୍ର, ବସନ୍ତ କୁମାର ଜେନା,ଇପିସିତା ସେନାଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚ଼ାରୀ ମାନେ ସହଯୋଗ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray